ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.210 Bhubaneswar Thursday, October 07, 2021 ୨୪ତମ ବର୍ଷ ସଂଖ୍ୟା–୨୧୦ ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୦୭, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ଉପରାଷ୍ଟ୍ରପତି ଏମ୍ ଭେଙ୍କୟା ନାଇଡୁ ଅଗରତାଲାଠାରେ ସ୍ୱୟଂସହାୟକ ମହିଳା ଗୋଷ୍ଠୀ ତଥା ପ୍ରାଥମିକ କ୍ଷେତ୍ରରେ କାମକରୁଥିବା ମହିଳା କର୍ମଚାରୀମାନଙ୍କସହ ଆଲୋଚନାରତ

## ଚାନ୍ଦିପୁର ଗୁଇନ୍ଦାଗିରି ପ୍ରସଙ୍ଗ: ପାକିସ୍ତାନରୁ ପରିଚାଳିତ ହେଉଥିଲା ନକଲି ଫେସବୁକ ଆକାଉଣ୍ଟ

ଭୁବନେଶ୍ୱର, ୬।୧୦(ପି.ଏନ): ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଡିଆରଡିଓ ସମ୍ପର୍କରେ ତଥ୍ୟ ହାସଲ କରିବା ପାଇଁ ବିସ୍ତୃତ ଯୋଜନା ପାକିସ୍ତାନରୁ ହୋଇଥିଲା । କ୍ରାଇମବ୍ରାଂଚ ଏଡିଜି ସଞ୍ଜୀବ ପଣ୍ଡା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ପାକିସ୍ତାନରୁ ୪ଟି ନକଲି ଫେସବୁକ ଆକାଉଂଟ କରାଯାଇ ରହସ୍ୟମୟୀଙ୍କ ଜରିଆରେ ତଥ୍ୟ ହାସଲ କରାଯାଉଥିଲା । ଚାନ୍ଦିପୁର ଗୁଇନ୍ଦାଗିରି ପଛରେ ପାକିସ୍ତାନ ଲିଙ୍କ ଥିବା ନେଇ ସୂଚନା ଦେଇ ସେ କହିଛନ୍ତି ଯେ ଡିଆରଡିଓ ଗୁପ୍ତଚରି ମାମଲା ପଛରେ ଥିବା ଯୁବତୀଙ୍କ ୪ଟି ନକଲି ଫେସବୁକ ଆକାଉଂଟ ପାକିସ୍ତାନରୁ ପରିଚାଳିତ ହେଉଥିଲା ।ସେ ଆହୁରି କହିଛନ୍ତି ଯେ ୩ଟି ଆକାଉଂଟ ଇସଲାମାବାଦ ଓ ଗୋଟିଏ ଆକାଉଂଟ ରାୱଲପିଣ୍ଡିରୁ ପରିଚାଳିତ ହେଉଥିଲା । ପ୍ରକ୍ସି ଆଇପି ବ୍ୟବହାର କରୁଥିବା କାରଣରୁ ଏହା ବ୍ରିଟେନ ଦେଖାଉଥିଲା । କିନ୍ତୁ ବାସ୍ତବରେ ଏହା ପାକିସ୍ତାନରୁ ହିଁ ପରିଚାଳିତ ହେଉଥିଲା । ସେ ଆହୁରି କହିଛନ୍ତି ଯେ ସେହିପରି ଏବେବି ରହସ୍ୟମୟୀଙ୍କ ଅନେକ ଅନେକ ଆକାଉଂଟ ଆକ୍ଟିଭ ଅଛି । ଏହି ତଥ୍ୟ ବାବଦରେ ଜଣାପଡିବା ପରେ ସେ କହିଛନ୍ତି ଯେ ଆବଶ୍ୟକ ହେଲେ ଅଭିଯୁକ୍ତମାନଙ୍କୁ ପୁଣିଥରେ ରିମାଣ୍ଡରେ ଅଣାଯିବ ।ଉଲ୍ଲେଖନୀୟ ଯେ ପ୍ରତିରକ୍ଷା ତଥ୍ୟ ଲିକ୍ ମାମଲାରେ ଚାନ୍ଦିପୁର ଇଂଟିଗ୍ରେଟେଡ ଟେଷ୍ଟ ରେଂଜର ୪ ଜଣ ଠିକା କର୍ମଚାରୀ ଓ ଜଣେ ସ୍ଥାୟୀ କର୍ମଚାରୀଙ୍କୁ ବାଲେଶ୍ୱର ଜିଲ୍ଲା ପୁଲିସର ସ୍ପେଶାଲ ସ୍କ୍ୱାଡ୍ ପୁଲିସ ସେପ୍ଟେମ୍ବର ୧୪ ତାରିଖ ବିଳମ୍ବିତ ରାତିରେ ଗିରଫ କରିଥିଲା ।

## ୧୦ ତାରିଖ ସୁଦ୍ଧା ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୬।୧୦(ପି.ଏନ): ଆସନ୍ତା ୧୦ ତାରିଖ ବେଳକୁ ଆଣ୍ଡାମାନ ସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାକ୍ରମେ ଘନୀଭୂତ ହୋଇ ପଶ୍ଚିମ ଉତରପଶ୍ଚିମ ଦିଗକୁ ଗତି କରିବାସ ସହ ଆଗାମୀ ୪ ରୁ ୫ ଦିନ ମଧ୍ୟରେ ଦକ୍ଷିଣ ଓଡ଼ିଶା ଏବଂ ଉତର ଉପକୂଳ ଆନ୍ଧ୍ର ପ୍ରଦେଶ ଆଡ଼କୁ ଗତି କରିବ । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ଏହି ସୂଚନା ଦିଆଯାଇଛି ।ଆଂଚଳିକ ପାଣିପାଗ କେନ୍ଦ୍ର ର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ କାଳବୈଶାଖୀ ସହିତ ବଜ୍ରପାତ ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, ଦେବଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼ ଓ କନ୍ଧମାଳ ଆଦି ରହିଛି । ଏସବୁ ଜିଲ୍ଲାକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଅକ୍ଟୋବର ୮ରୁ ୯ ତାରିଖ ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି ଓ ଗଞ୍ଜାମ ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି ।

## ହାତ ଧରାଧରି ହୋଇ ଚାଲିଗଲେ ବାପା, ମାଆ ଓ ଝିଅ

ଜଗତସିଂହପୁର (ଶଶାଙ୍କ ପଣ୍ଡା): ହାତ ଧରାଧରି ହୋଇ ଅଫେରା ରାଇଜକୁ ଚାଲି ଗଲେ ବାପା, ମାଆ ଓ ଝିଅ । ସୌଭାଗ୍ୟ ବଶତଃ ଘରେ ପୁଅ ନଥିବାରୁ ତା'ର ଜୀବନ ବଞ୍ଚି ଯାଇଛି । ତେବେ ସେମାନଙ୍କୁ ବଞ୍ଚାଇବାକୁ ଆସି ଜଣେ ପଡୋଶୀ ଗୁରୁତର ଆହତ ହୋଇଛନ୍ତି । ଆଜି ଏପରି ଘଟଣା ଜଗତସିଂହପୁର ଜିଲ୍ଲାରେ ଘଟିଛି ।କୁହାଯାଉଛି, ଆଜି ଅପରାହ୍ନରେ ତିର୍ତ୍ତୋଲ ଥାନା ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା । ଯେଉଁଥିପାଇଁ ବଣିତୋ ଗାଁର ପିଣ୍ଟୁ ସ୍ୱାଇଁ ଘରେ ରହିଥିଲେ । ଆଉ ତାଙ୍କ ସ୍ତ୍ରୀ କାମିନୀ ରୋଷେଇ କରୁଥିଲେ । ଏହି ସମୟରେ ସେ ବିଦ୍ୟୁତ ଆଘାତରେ ଆସିଥିଲେ । ତାଙ୍କୁ ବଞ୍ଚାଇବାକୁ ତାଙ୍କ ସ୍ୱାମୀ ପିଣ୍ଟୁ ଆସିଥିଲେ । ସେ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ । ବାପା-ମାଆଙ୍କ ଚିତ୍କାର ଶୁଣି ଘରେ ଥିବା ଝିଅ ପାପାଲି ଆସିଥିଲେ । ମାତ୍ର ସେ ମଧ୍ୟ ବର୍ତ୍ତି ପାରିନଥିଲେ । ବାପା-ମାଆ ଓ ଝିଅ ତିନି ଜଣ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ । ସେମାନଙ୍କ ଚିତ୍କାର ଶୁଣି ପଡୋଶୀ କୁମରବର ସ୍ୱାଇଁ ଆସିଥିଲେ । ସେ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ ।ପଡୋଶୀମାନେ ବିଦ୍ୟୁତ ସରବରାହ କାଟି ସମସ୍ତଙ୍କୁ ଉଦ୍ଧାର କରିଥିଲେ । ସେତେବେଳକୁ ପିଣ୍ଟୁ, କାମିନୀ ଓ ପାପାଲିଙ୍କ ମୃତ୍ୟୁ ଘଟିଥିଲା । ତେବେ କୁମରବର ସ୍ୱାଇଁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇଥିଲା । ତାଙ୍କୁ ପ୍ରଥମେ ସ୍ଥାନୀୟ ମେଡିକାଲ୍ ?ରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଏବେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ରହିଛି । ତେବେ ସେହି ସମୟରେ ଘରେ ପୁଅ ନଥିବାରୁ ତାଙ୍କ ଜୀବନ ବର୍ତ୍ତି ଯାଇଛି ।



## ରାଜେନ୍ଦ୍ର ବିହାର ଆପାର୍ଟମେଂଟ କଂଟେନମେଂଟ ଘୋଷଣା

ଭୁବନେଶ୍ୱର, ୬।୧୦(ପି.ଏନ): ଭୁବନେଶ୍ୱରକୁ ଫେରିଛି କଂଟେନମେଂଟ ଜୋନ୍ । ଫରେଷ୍ଟ ପାର୍କ ଅଂଚଳରେ ଥିବା ଏକ ଆପାର୍ଟମେଂଟକୁ କଂଟେନମେଂଟ ଘୋଷଣା କରାଯାଇଛି । ୫୨ ନମ୍ବର ୱାର୍ଡ ରାଜେନ୍ଦ୍ର ବିହାର ଆପାର୍ଟମେଂଟରୁ ଏକାଧିକ ପଜିଟିଭ୍ କେସ୍ ବାହାରିବା ପରେ ଏହାକୁ ବିଏମ୍‌ସି କଂଟେନ ମେଂଟ ଘୋଷଣା କରିଛି ।

## ଏଲ୍‌ପିଜି ସିଲିଣ୍ଡର ଦାମ୍ ବୃଦ୍ଧି

ଭୁବନେଶ୍ୱର, ୬।୧୦(ପି.ଏନ): ପୁଣି ବଢ଼ିଲା ଏଲ୍‌ପିଜି ସିଲିଣ୍ଡର ଦାମ୍ । ପ୍ରତି ସିଲିଣ୍ଡର ପିଛା ୧୫ ଟଙ୍କା ବୃଦ୍ଧି ହୋଇଛି । ନୂଆ ଦର ଲାଗୁ ହେବା ପରେ ଦିଲ୍ଲୀରେ ୧୪ କେଜି ସିଲିଣ୍ଡର ପିଛା ଦାମ୍ ୮୯୯ ଟଙ୍କା ୫୦ ପଇସାରେ ପହଂଚିଛି । ପୂର୍ବରୁ ଏହି ଦାମ୍ ୮୮୪ ଟଙ୍କା ୫୦ ପଇସା ଥିଲା ।ସେହିପରି କୋଲକାତାରେ ଏଲପିଜି ସିଲିଣ୍ଡରର ମୂଲ୍ୟ ୯୧୧ ରୁ ୯୨୬ ଟଙ୍କାକୁ ବୃଦ୍ଧି ପାଇଛି । ମୁମ୍ବାଇରେ ଏଲପିଜି ମୂଲ୍ୟ ୮୪୪.୫୦ ରୁ ୮୯୯.୫୦ ଟଙ୍କାକୁ ବୃଦ୍ଧି ପାଇଛି ଏବଂ ଚେନ୍ନାଇରେ ସବସିଡି ନଥିବା ସିଲିଣ୍ଡରର ମୂଲ୍ୟ ବର୍ତ୍ତମାନ ୯୧୫.୫୦ ଟଙ୍କାକୁ ବୃଦ୍ଧି ପାଇଛି ।ଏହା ପୂର୍ବରୁ ମଧ୍ୟ ଅକ୍ଟୋବର ୧ ତାରିଖରେ ତୈଳ କମ୍ପାନୀ ୧୯ କେଜି କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ପିଛା ୪୩ ଟଙ୍କା ୫ ପଇସା ବଢ଼ାଇଥିଲେ । କିନ୍ତୁ ସେତେବେଳେ ଘରୋଇ ଗ୍ୟାସ୍ ସିଲିଣ୍ଡର ଦାମ୍ ବଢ଼ିନଥିଲା ।ଚଳିତ ବର୍ଷ ଏଲ୍‌ପିଜି ଘରୋଇ ସିଲିଣ୍ଡରରେ ୨୦୫ ଟଙ୍କା ଯାଏଁ ବୃଦ୍ଧି ହୋଇସାରିଲାଣି । ଗତ ବର୍ଷ ତୁଳନାରେ ଘରୋଇ ଗ୍ୟାସ୍ ସିଲିଣ୍ଡର ଦାମ୍ ଦୁଇ ଗୁଣା ବଢ଼ିଛି । ଏହାପୂର୍ବରୁ ଅଗଷ୍ଟ ଆରମ୍ଭରେ ମଧ୍ୟ ଏଲପିଜି ମୂଲ୍ୟ ୨୫ ଟଙ୍କା ବୃଦ୍ଧି କରାଯାଇଥିଲା ।

## ଗୋଟିଏ ଦିନରେ ୫୯୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୬।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୯୪୧୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୮୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୬ ହଜାର ୧୬୫ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୯୬୭ ରହିଛି । ଆଜି ଚିହ୍ନଟ ହୋଇଥିବା ୫୯୩ ଜଣଙ୍କ ମଧ୍ୟରୁ ୨୬୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୨ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୯୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକରୁ ୪ ଜଣ, ବଲାଙ୍ଗୀର ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ମୁକୁଳିଲେ ପ୍ରିୟଙ୍କା ଗାନ୍ଧି, ଭଉଣୀଙ୍କୁ ସାଙ୍ଗରେ ଧରି ବାହାରିଲେ ରାହୁଲ

ଲକ୍ଷ୍ନୌ,୬।୧୦: ମୁକୁଳିଲେ ପ୍ରିୟଙ୍କା ଗାନ୍ଧି ଭଦ୍ରା । ଆଉ ଭଉଣୀଙ୍କୁ ସାଙ୍ଗରେ ଧରି କଂଗ୍ରେସ ନେତା ରାହୁଲ ଗାନ୍ଧି ଲଖିମପୁର ଗସ୍ତରେ ବାହାରିଛନ୍ତି । ଆଜି ଲଖିମପୁର ଯିବାକୁ ଅନୁମତି ମିଳିବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧି ସୀତାପୁରରେ ଭଉଣୀ ପ୍ରିୟଙ୍କାଙ୍କୁ ଭେଟିଥିଲେ । ସେଠାରେ ଭଉଣୀ ପ୍ରିୟଙ୍କାଙ୍କୁ ନେଇ ସୀତାପୁରରୁ ଲଖିମପୁର ଅଭିମୁଖେ ଯାତ୍ରା କରିଛନ୍ତି ରାହୁଲ । ଏହି ସମୟରେ ସୀତାପୁର ରାଜପଥରେ ଟ୍ରାଫିକ୍ ଜାମ୍ ହୋଇଥିଲା । କଂଗ୍ରେସ କର୍ମୀମାନେ ସ୍ଲୋଗାନ ଦେବା ସହ ପୁଲିସ ସହ ଯୁକ୍ତିତର୍କ ହୋଇଥିଲା । ୪୮ ଘଣ୍ଟାରୁ ଅଧିକ ସମୟ ଧରି ଅଟକ ରହିବା ପରେ ପ୍ରିୟଙ୍କା ଗାନ୍ଧିଙ୍କୁ ବୁଧବାର ମୁକ୍ତ କରାଯାଇଥିଲା । ସୀତାପୁର ସବ-ଡିଭିଜନାଲ ମାଜିଷ୍ଟ୍ରେଟ କହିଛନ୍ତି ଯେ ପ୍ରିୟଙ୍କା ଗାନ୍ଧିଙ୍କୁ ମୁକ୍ତ କରାଯା ?ଇଛି । ସୋମବାର ପ୍ରିୟଙ୍କା ଗାନ୍ଧିଙ୍କୁ ଅଟକ ରଖାଯାଇଥିଲା । ଲଖିମପୁର ଖେରୀ ପରିଦର୍ଶନ ନେଇ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିବା ବେଳେ ଏହାକୁ ଉଲ୍ଲଂଘନ କରିଥିବାରୁ ପ୍ରିୟଙ୍କାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଏଥିସହ ତାଙ୍କୁ ଗିରଫ କରାଯାଇଥିଲା ।ତେବେ ଏହାରି ଭିତରେ ଉତ୍ତର ପ୍ରଦେଶ ସରକାର ରାହୁଲ, ପ୍ରିୟଙ୍କା ଓ ଅନ୍ୟ ୩ କଂଗ୍ରେସ ନେତାଙ୍କୁ ଲଖିମପୁର ଯିବାକୁ ଅନୁମତି ଦେଇଥିଲେ । ପୂର୍ବରୁ କଂଗ୍ରେସ ଅନୁମତି ପାଇଁ ଚିଠି ଲେଖିଥିଲେ ହେଁ ଏହାକୁ ଯୋଗୀ ସରକାର ଅଗ୍ରାହ୍ୟ କରିଥିଲେ । ଏହାକୁ ନେଇ ବିବାଦ ହେବାରୁ ଏବେ ଚାପରେ ପଡି ନିଜର ନିଷ୍ପତ୍ତିରେ ୟୁ-ଟର୍ଣ୍ଣ ନେଇଥିଲେ ।



## ଶାସ୍ତ୍ରୀୟ ଓଡିଆଭାଷା ରାଷ୍ଟ୍ରପତି ପୁରସ୍କାର ମନୋନୟନରେ ଜାଲିଆତି

କଟକ, ୬।୧୦(ପି.ଏନ): ଓଡିଆ ଭାଷା ଶାସ୍ତ୍ରୀୟମାନ୍ୟତା ପାଇବା ପରେ ଭାଷା ଗବେଷଣାରେ ଆଜୀବନ କାର୍ଯ୍ୟ କରିଥିବା ବରିଷ୍ଠ ଶିକ୍ଷାବିତଙ୍କପାଇଁ ଉଦ୍ଦିଷ୍ଟ ସମ୍ମାନଜନକ ରାଷ୍ଟ୍ରପତି ପୁରସ୍କାର ମନୋନୟନରେ ଜାଲିଆତି ହୋଇଛି । ସମସ୍ତ ନୀତିନିୟମ ଉଲଙ୍ଘନ କରି ଜଣେ ଭାଷା ଅନଭିଜ୍ଞ ବ୍ୟକ୍ତିଙ୍କୁ ୨୦୧୯ ମସିହାପାଇଁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି । ଏହି କାର୍ଯ୍ୟରେ ଦୁଇଜଣ କୁଳପତି, କମିଟି ସଦସ୍ୟ ଓଡିଆ ଭାଷା ବିଶେଷଜ୍ଞ ଓ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ସଂପୃକ୍ତ ଅଛନ୍ତି ବୋଲି ଆଜି ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମସ୍ତ ପ୍ରମାଣ ସହିତ ମୋ ଭାଷା ସଂଗଠନ ତଥ୍ୟ ପ୍ରଦାନ କରିଛନ୍ତି ।ସୂଚନା ଅଧିକାରଦ୍ୱାରା ମିଳିଥିବା ତଥ୍ୟ ଅନୁସାରେ ଶାସ୍ତ୍ରୀୟ ଓଡିଆ ଭାଷାପାଇଁ ୨୦୧୯ ରାଷ୍ଟ୍ରପତି ପୁରସ୍କାର ନିମନ୍ତେ ତତ୍କାଳିନ ମୁଖ୍ୟ ଶାସନ ସଚିବ ଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର ନାମକ ଜଣେ ବ୍ୟକ୍ତିଙ୍କ ନାମ ସୁପାରିଶ କରିଥିଲେ । ଏହା ଏକ ଏକାଡେମିକ ସମ୍ମାନ ଥିବାରୁ ଶିକ୍ଷା ସମ୍ବନ୍ଧିତ ବ୍ୟକ୍ତିମାନଙ୍କୁ ଏଥିରେ ସମ୍ମାନିତ କରାଯିବ ବୋଲି ବିଜ୍ଞାପନର ଧାରା ୫ ଓ ୬ରେ ସ୍ପଷ୍ଟ ଭାବରେ କୁହାଯାଇଛି । ସେହି ଅନୁସାରେ ଶିକ୍ଷା ପ୍ରଦାନର ଅଭିଜ୍ଞତା, ପ୍ରାଚୀନ ଓଡିଆଭାଷା ଉପରେ ଗବେଷଣା, ଅନ୍ୟ ଶାସ୍ତ୍ରୀୟ ଭାଷା ସହିତ ତୁଳନାତ୍ମକ ଅଧ୍ୟୟନ, ଆନ୍ତର୍ଜାତିକ ସ୍ତରର ଗବେଷଣା ପତ୍ରିକାରେ ପ୍ରାଚୀନ ଓଡିଆ ଭାଷା ସମ୍ବନ୍ଧିତ ଗବେଷଣା ଭିତ୍ତିକ ପ୍ରବନ୍ଧ ପ୍ରକାଶନ ଆଦି ଯୋଗ୍ୟତା ନିର୍ଦ୍ଧାରଣ କରାଯାଇଛି । ଏଥିପାଇଁ ନିର୍ଦ୍ଧାରିତ ଫର୍ମର ୪ରୁ ୧୨ ପର୍ଯ୍ୟନ୍ତ ତଥ୍ୟ ଦେବାପାଇଁ କୁହାଯାଇଥିବାରୁ ଶ୍ରୀ ମିଶ୍ର ଏଥିରେ ଆଟୀ ଏମ ଏ ପାଶ କରି ନ ଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୭୩ ମସିହାରେ ଦ୍ୱିତୀୟ ଡିଭିଜନରେ ଏମ ଏ ପାଶ କରିଛନ୍ତି ବୋଲି ଲେଖାଯାଇଛି । ଗବେଷଣା ଗ୍ରନ୍ଥ ସ୍ଥାନରେ ଦିଆଯାଇଥିବା ପୁସ୍ତକ ରଚନାର ତାଲିକା ସହାୟକ ପୁସ୍ତକ ବୋଲି ଏହାର ପ୍ରକାଶକ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥା ସୂଚନା ଅଧିକାର ବଳରେ ତଥ୍ୟ ପ୍ରଦାନ କରିଛନ୍ତି । ଏପରିକି ଶାସ୍ତ୍ରୀୟ ଓଡିଆଭାଷାପାଇଁ ସ୍ୱତନ୍ତ୍ର ଅବଦାନ ଭାବରେ ସେ ପାଠ୍ୟପୁସ୍ତକ ରଚନା କରିଛନ୍ତି ବୋଲି ଯାହା ଦର୍ଶାଯାଇଛି, ତାହା ସମ୍ପର୍ଣ୍ଣ ମିଥ୍ୟା । ତାଙ୍କର କୌଣସି ବହି ରାଜ୍ୟ ପାଠ୍ୟପୁସ୍ତକ ଭାବରେ ପଢାଯାଉନାହିଁ । ସେ କୌଣସି ଆନ୍ତର୍ଜାତିକ ସମ୍ମିଳନୀ, ଆଲୋଚନାଚକ୍ରରେ ଗବେଷଣା ସନ୍ଦର୍ଭ ଉପସ୍ଥାପନା ଓ ଶାସ୍ତ୍ରୀୟ ଭାଷା ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ ସମ୍ପର୍କିତ ଗବେଷଣା ବିଷୟରେ ତଥ୍ୟ ଦିଆଯାଇନାହିଁ । କୌଣସି ଗବେଷଣା କାର୍ଯ୍ୟର ଉଲ୍ଲେଖ ନ ଥିବା କାରଣରୁ କେନ୍ଦ୍ର ସରକାରଙ୍କ ପ୍ରାଥମିକ ଯାଞ୍ଚ କମିଟି ଶ୍ରୀ ମିଶ୍ରଙ୍କ ନାମ ନାକଚ୍ କରି ଥିବାବେଳେ ରାଜ୍ୟ ସରକାରଙ୍କ ସୁପାରିଶ ଥିବାରୁ ଉକ୍ତ ବ୍ୟକ୍ତିଙ୍କୁ ମନୋନୀତ କରାଯାଇଛି ବୋଲି କେନ୍ଦ୍ର ସରକାର ଜଣାଇଛନ୍ତି । ତେଣୁ ଏହି ସୁପାରିଶ ପତ୍ର ପଠାଇବାରେ ତତ୍କାଳୀନ ଓଡିଶାର ମୁଖ୍ୟ ଶାସନ ସଚିବ କେନ୍ଦ୍ର ନିର୍ଦ୍ଧାରିତ ନିୟମ ଓ ନିର୍ଦ୍ଦେଶକୁ ଖୋଲାଖୋଲି ଭାବରେ ଉଲଙ୍ଘନ କରିଛନ୍ତି ।ଧାରା ୧୫ ଅନୁସାରେ ରାଷ୍ଟ୍ରପତି ପୁରସ୍କାରପାଇଁ ସମ୍ପୂର୍ଣ୍ଣ ଗୁପ୍ତ ଭାବରେ ସୁପାରିଶପତ୍ର ପଠାଇବାପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ କୌଣସି ବ୍ୟକ୍ତିର ଆବେଦନ, ପୁସ୍ତକ ବା ଲିଖିତ ତଥ୍ୟ ଗ୍ରହଣ ପୂର୍ବକ ସେହି ବ୍ୟକ୍ତିର ନାମ ସୁପାରିଶ କଲେ ତାହା ନାକଚ୍ ହେବ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି । ମାତ୍ର ଓଡିଆ ଭାଷା ପ୍ରତିଷ୍ଠାନ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ଏହି ପୁରସ୍କାରପାଇଁ ଆଦିତ୍ୟ ପ୍ରସାଦ ପାଢୀଙ୍କ ବଦଳରେ ନିଜେ ଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ଶାସନ ସଚିବଙ୍କ ନାମରେ ସୁପାରିଶ ଫର୍ମ ପୂରଣ କରିଥିଲେ । ଶ୍ରୀ ମିଶ୍ରଙ୍କର ଏହି ଅନୈତିକ କାର୍ଯ୍ୟକୁ ଶ୍ରୀ ପାଢୀ ପ୍ରଶ୍ରୟ ଦେଇଥିଲେ । ଏହି ଫର୍ମରେ ଶ୍ରୀ ମିଶ୍ର ଲେଖିଥିବା ନିଜ ଯୋଗ୍ୟତା ସମ୍ପର୍କରେ କୌଣସି ପ୍ରମାଣପତ୍ର ପ୍ରଦାନ କରି ନ ଥିବାରୁ ଶ୍ରୀ ମିଶ୍ରଙ୍କ ଶିକ୍ଷାଗତ ଯୋଗ୍ୟତା, ଶିକ୍ଷା ପ୍ରଦାନର ଅଭିଜ୍ଞତା, ଗବେଷଣା, ପ୍ରବନ୍ଧ ଓ ଗବେଷଣା ପୁସ୍ତକ ରଚନା ଆଦିର ସତ୍ୟାସତ୍ୟ ଅନୁସନ୍ଧାନ ନ କରି ତତ୍କାଳୀନ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ସଚିବ ମନୋରଂଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସଦସ୍ୟ ତମସାଦାସ ମହାପାତ୍ର, ଉଦୟନାଥ ସାହୁ ଓ ବିଜୟଲକ୍ଷ୍ମୀ ମହାନ୍ତି ଆବେଦକଙ୍କର ନାମ ସୁପାରିଶ କରିଥିଲେ । ଶ୍ରୀ ପାଣିଗ୍ରାହୀ ନିଜ ପଦମର୍ଯ୍ୟାଦାର ଦୁରୁପଯୋଗ କରି ଶ୍ରୀ ମିଶ୍ରଙ୍କ ଅଯୋଗ୍ୟତାକୁ ପ୍ରଥମରୁ ଘୋଡେଇ ସେହି ସୁପାରିଶ ପତ୍ରରେ ମୁଖ୍ୟ ଶାସନ ସଚିବ ବଦଳରେ ନିଜେ ସ୍ୱାକ୍ଷର କରି କେନ୍ଦ୍ରକୁ ପଠାଇଥିଲେ । ଏହାଦ୍ୱାରା ଜଣେ ଅଯୋଗ୍ୟ ଓ ଅଣଗବେଷକପାଇଁ ରାଷ୍ଟ୍ରପତି ପୁରସ୍କାର ଯୋଗାଡ କରି ଗୌରବମୟ ଶାସ୍ତ୍ରୀୟ ଓଡିଆଭାଷାକୁ ଜାତୀୟ ସ୍ତରରେ ଉପହାସିତ କରାଯାଇଛି । ଏଣୁ ମିଛ ତଥ୍ୟ ଦେଇ ପୁରସ୍କାର ହାତେଇ ଥିବା ଏହି ବ୍ୟକ୍ତିଙ୍କ ବିରୋଧରେ ଅପରାଧ ନିୟନ୍ତ୍ରଣ ସଂସ୍ଥା ପୁଙ୍ଖାନୁପୁଙ୍ଖ ଭାବରେ ଯାଞ୍ଚ କରି ବିଧିବଦ୍ଧ ତଦନ୍ତ ପୂର୍ବକ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏହି କାର୍ଯ୍ୟକୁ ସମର୍ଥନ କରିଥିବା ତତ୍କାଳୀନ ମୁଖ୍ୟ ଶାସନ ସଚିବ ଏବଂ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ସଚିବ ସମେତ ପୁରସ୍କାରପାଇଁ ସୁପାରିଶ କରିଥିବା ବିଶେଷଜ୍ଞ କମିଟି ସଦସ୍ୟଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ମୋ ଭାଷା ସଂଗଠନ ପକ୍ଷରୁ କଟକ ଜିଲ୍ଲା ଆବାହକ ସଂଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଫେସର ନଟବର ଶତପଥୀ, ପ୍ରଫେସର ବସନ୍ତ ପଣ୍ଡା, ପ୍ରଫେସର ସନ୍ତୋଷ ତ୍ରିପାଠୀ, ଡକ୍ଟର ଗୋବିନ୍ଦ ଭୂୟାଁ, ଡକ୍ଟର ବିଶ୍ୱନନ୍ଦନ ଦାଶ ପ୍ରମୁଖ ଶିକ୍ଷାବିତ ଓ ଭାଷାଚିନ୍ତକଗଣ ଦାବି କରିଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada










# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ସିଂହ ସହିତ ବନ୍ଧୁତା

ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍



ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଋଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା

ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ। ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା



ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ




ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍ରେ ଗୋଟିଏ ରୁମ୍ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ଼ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।




# ନାମ ଯେମିତି କାମ ସେମିତି !



ପିତା ୰ ଗୋକୁଳାନନ୍ଦ ମହାରଥୀ ଓ ମାତା ୰ ପ୍ରଭାତୀ ମଞ୍ଜରୀ ଦେବୀଙ୍କର ପାଞ୍ଚଗୋଟି ସନ୍ତାନସନ୍ତତି ମଧ୍ୟରୁ ପ୍ରଦୀପ ମହାରଥୀ ହେଲେ ଦ୍ୱିତୀୟ ସନ୍ତାନ। ପିପିଲିର ପାଣିଦୋଳ ପଞ୍ଚାୟତର ଖୋରାପଦା ଗ୍ରାମରେ ପ୍ରଦୀପ ମହାରଥୀ ଜନ୍ମଗ୍ରହଣ କରିଥିଲେ ୧୯୫୫ ମସିହା ଜୁଲାଇ ମାସ ଚାରି ତାରିଖରେ। ପିତା ମାତା ଶ୍ରଦ୍ଧାରେ ନାମ ରଖିଲେ ପ୍ରଦୀପ, ଡାକନାମ ନଟୁ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଟି ଦିନରୁ ତାଙ୍କର ଅନେକ ଭଲଗୁଣ ବିକଶିତ ହୋଇଉଠିଥିଲା। କୌଣସି ପରିସ୍ଥିତିରେ ବି ସତ୍ୟ ଓ ନ୍ୟାୟ ପଥରୁ ସେ ଓହରି ଯାଉନଥିଲେ। ପିତା ଗୋକୁଳାନନ୍ଦ ମହାରଥୀ ଜଣେ ଆଦର୍ଶ ମଣିଷ ଥିଲେ, ବୃତ୍ତିରେ ସେ ଥିଲେ ଇଂଜିନିୟର। ମାତା ପ୍ରଭାତୀ ମଞ୍ଜରୀ ଦେବୀ ଅତ୍ୟନ୍ତ ସ୍ନେହୀ, ପରୋପକାରୀ ଓ ଅତ୍ୟନ୍ତ ଧର୍ମପରାୟଣା ଥିଲେ।

ପ୍ରଦୀପ ପିଲାଦିନେ ଟିକେ ଦୁଷ୍ଟ ଥିଲେ। କୌଣସି ଗୋଟିଏ ସ୍କୁଲରେ ସେ ସ୍ଥିର ହୋଇ ରହି ପାଠ ପଢ଼ି ନଥିଲେ। କେତେବେଳେ ପିଉସୀ ଘରେ ତ କେତେବେଳେ ମାଉସୀ ଘରେ (ବାଙ୍କୀ), କେତେବେଳେ ଇଉନିଟ୍-୬, କ୍ୟାପିଟାଲ୍ ହାଇସ୍କୁଲରେ ତ କେତେବେଳେ ପୁରୀ ଜିଲ୍ଲା ସ୍କୁଲରେ, ସ୍କୁଲ ଜୀବନ ବିତାଇଥିଲେ। ଶେଷରେ ୧୯୭୨ ମସିହାରେ 'ଜିଲ୍ଲାସ୍କୁଲ' ପୁରୀରୁ ମାଟ୍ରିକ୍ ପରୀକ୍ଷାରେ (ଏକାଦଶ ଶ୍ରେଣୀ) ଉତ୍ତୀର୍ଣ୍ଣ ହୋଇ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ସାନ୍ଧ୍ୟ)ରେ ନାମ ଲେଖାଇଥିଲେ। ଛାତ୍ର ରାଜନୀତିରେ ପ୍ରଥମ କରି ଯୋଗଦାନ କରି ନିର୍ବାଚନରେ ଭାଗନେଲେ ଏବଂ ସାଧାରଣ ସମ୍ପାଦକ ପଦରେ ନିର୍ବାଚିତ ହେଲେ। ୧୯୭୫ ମସିହାରେ ଭାରତବର୍ଷରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଦୀପ ମହାରଥୀ ଛାତ୍ର ଆନ୍ଦୋଳନରେ ଭାଗ ନେଇଥିବାରୁ ତାଙ୍କୁ ମିଶା (MISA)ରେ ଆରେଷ୍ଟ କରାଗଲା। ସେତେବେଳେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ, ନୀଳମଣି ରାଉତରାୟଙ୍କ ପରି ଅନେକ ତୁଙ୍ଗ ନେତା ଆରେଷ୍ଟ ହୋଇ ଜେଲ୍‌ରେ ଥାଆନ୍ତି। ପ୍ରଦୀପ ମହାରଥୀ ଜେଲ୍‌ରେ ଥିବା ସମୟରେ ବିଜୁ ପଟ୍ଟନାୟକଙ୍କ ସହ ସାକ୍ଷାତ କରିବାର ସୁଯୋଗ ପାଇଥିଲେ। ଜେଲ୍ (Jail) ଏବଂ ସେଲ୍ (Cell)ରେ ପ୍ରାୟ ଅଠରମାସ କାଳ ରହି, କଠିନ ଦୁଃଖ, କଷ୍ଟ ଓ ନିର୍ଯ୍ୟାତନା ସହି ପୁଣି ଫେରିଆସିଲେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ୧୯୭୬ ମସିହା ଶେଷ ବେଳକୁ ଏବଂ ସେଠାରେ ବି.ଏ. (ଶିକ୍ଷା ସମ୍ମାନ)ରେ ନାମ ଲେଖାଇଲେ। ତା ପରେପରେ ୧୯୭୭ ମସିହାରେ କଲେଜ ନିର୍ବାଚନରେ ଅଂଶଗ୍ରହଣ କରି ସଭାପତି ପଦ ପାଇଁ ଲଢ଼େଇ କରି ବିଜୟ ଟୀକା ପିନ୍ଧିଲେ। ଧୀରେ ଧୀରେ ସମଗ୍ର ଓଡ଼ିଶାରେ ତାଙ୍କ ନାମର ପ୍ରଚାର ପ୍ରସାର ହେବାକୁ ଲାଗିଲା। ୧୯୭୮ ମସିହାରେ ମହାବିଦ୍ୟାଳୟର ବାର୍ଷିକୋତ୍ସବକୁ ମୁଖ୍ୟଅତିଥି କରି ଡାକିଥିଲେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କୁ ଯିଏକି ସେତେବେଳେ କେନ୍ଦ୍ରରେ ଇସ୍ପାତ ଓ ଖଣିମନ୍ତ୍ରୀ ଥିଲେ ଓ ଭୂମିପୁତ୍ର ନାମରେ ଯାହାଙ୍କ ସୁନାମ ଦେଶବିଦେଶରେ ପରିବ୍ୟାପ୍ତ ଥିଲା।

ପ୍ରଦୀପ ମହାରଥୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ତରଫରୁ କରାଯାଇଥିବା ସ୍ୱାଗତ ସମ୍ବର୍ଦ୍ଧନା ଦେଖି ବିଜୁବାବୁ ତଟସ୍ଥ ହୋଇଯାଇଥିଲେ। ପ୍ରଦୀପ ମହାରଥୀଙ୍କ ସାଙ୍ଗଠନିକ ଦକ୍ଷତାର ଭୂରିଭୂରି ପ୍ରଶଂସା କରି ବିହ୍ୱଳିତ ହୋଇ ଭାଷଣରେ କହି ପକାଇଲେ ପ୍ରଦୀପ ଖାଲି ନାମରେ ନୁହେଁ କାମରେ ବି ମହାରଥୀ।

ଏଇଠି ଜାଣ ତାଙ୍କ ରାଜନୈତିକ ଜୀବନର ମୂଳଦୁଆ ପଡ଼ିଥିଲା। ପ୍ରବାଦପୁରୁଷ ବିଜୁବାବୁ ହିଁ ପାଲଟିଗଲେ ତାଙ୍କ ରାଜନୈତିକ ଗୁରୁ। ସେହି ଯୋଗଜନ୍ମା ପୁରୁଷ ପ୍ରଦୀପ ମହାରଥୀଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

**ଡ. ପ୍ରତିଭା ମହାରଥୀ**
*ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*

# ହକି ବିଶ୍ୱକପ୍‌କୁ ନେଇ ଆତ୍ମପ୍ରଚାରରେ ବ୍ୟସ୍ତ ସରକାର

ରାଉରକେଲା (ପିଏନ୍): ଆସନ୍ତା ୨୦୨୩ ହକି ବିଶ୍ୱକପ୍‌କୁ ନେଇ ରାଜ୍ୟ ସରକାର ଆତ୍ମପ୍ରଚାରରେ ମାତିଛନ୍ତି । ଆଗାମୀ ନଭେମ୍ବର ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଥିବା ଜୁନିୟର ହକି ବିଶ୍ୱକପ୍ ସରକାରଙ୍କ ଏହି ଆତ୍ମପ୍ରଚାରକୁ ଆହୁରି ଖୋରାକ୍ ଯୋଗାଇଛି । ତେବେ ହକି ବିଶ୍ୱକପ୍ ପ୍ରଚାରରେ ମସଗୁଲ୍ ଥିବା ରାଜ୍ୟ ସରକାର ହକି କ୍ରୀଡାବିତ୍‌ଙ୍କ ମୌଳିକ ଆବଶ୍ୟକତା ଯଥା ଅଭ୍ୟାସ ଓ ପାଠପଢାକୁ ଭୁଲିଯିବା ନିହାତି ଦୁର୍ଭାଗ୍ୟଜନକ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି । ଗତ ୩୦ ତାରିଖରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀକୁ ସଭାପତି ଶ୍ରୀ ଜର୍ଜ ତିର୍କୀ ଓ ଅନ୍ୟ ନେତୃବୃନ୍ଦ ଏହି ମର୍ମରେ ସମ୍ବୋଧିତ କରିଥିଲେ । ଶ୍ରୀ ତିର୍କୀ କହିଲେ ଯେ, ଗତ ୨୦୨୦ ମାର୍ଚ୍ଚ ମାସରୁ କରୋନା କଟକଣା ଅନୁଯାୟୀ ରାଉରକେଲା ଓ ସୁନ୍ଦରଗଡ ସମେତ ରାଜ୍ୟର ୧୬ଟି କ୍ରୀଡା ଛାତ୍ରାବାସକୁ ବନ୍ଦ ରଖାଯାଇଛି । ତେଣୁ କ୍ରୀଡାବିତ୍‌ମାନେ ସମ୍ପ୍ରତି ସେମାନଙ୍କ ନିଜ ନିଜ ଘରେ ରହିବାକୁ ବାଧ ହୋଇଛନ୍ତି । ତେବେ କ୍ରୀଡାବିତ୍‌ମାନେ ଘରେ ରହି କ୍ରୀଡା ଅଭ୍ୟାସରୁ ବଞ୍ଚିତ ହୋଇଥିବା ବେଳେ ଅନ୍‌ଲାଇନ୍ ପାଠପଢାରେ କିଂ ସୁଯୋଗ ପାଉଥିଲେ । ଅବଶ୍ୟ ଅଗମ୍ୟ ଓ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା କ୍ରୀଡାବିତ୍‌ମାନେ ଇଣ୍ଟରନେଟ୍ ଓ ବିଜୁଳି ସେବା ଅଭାବରୁ ଏହି ଅନ୍‌ଲାଇନ୍ ପାଠପଢା ସୁଯୋଗ ମଧ୍ୟ ପାଇପାରୁ ନଥିଲେ । ତେବେ ଇତିମଧ୍ୟରେ ଆମ ସୁନ୍ଦରଗଡ ଜିଲ୍ଲାରେ କୋଭିଡ୍ କଟକଣାକୁ ସମ୍ପୂର୍ଣ୍ଣ କୋହଳ କରାଯାଇ ସ୍କୁଲ କଲେଜର ଶ୍ରେଣୀ କକ୍ଷରେ ପାଠପଢା ଆରମ୍ଭ କରାଯାଇଛି । ବିଭିନ୍ନ ରାଜନୈତିକ ଶୋଭାଯାତ୍ରା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସମେତ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମକୁ ମଧ୍ୟ ଅନୁମତି ଦିଆଯାଉଛି । ସବୁକିଛି ଧିରେ ଧିରେ ସ୍ୱାଭାବିକ ହେଉଥିବା ବେଳେ କ୍ରୀଡା ଛାତ୍ରାବାସ କିଂ ଏ ପର୍ଯ୍ୟ' ଖୋଲୁନାହିଁ । କ୍ରୀଡା ଛାତ୍ରାବାସ ବନ୍ଦ ଥିବାରୁ ଛାତ୍ରଛାତ୍ରୀମାନେ ଅଦ୍ୟାବଧି ଛାତ୍ରାବାସକୁ ଫେରିପାରି ନାହାଁ । ଅପରପକ୍ଷରେ ସ୍କୁଲ କଲେଜ ଖୋଲିଥିବାରୁ ୯ମ ଶ୍ରେଣୀରୁ ଆରମ୍ଭ କରି ଉଚ୍ଚଶ୍ରେଣୀ ପିଲାଙ୍କ ପାଠପଢା ଗତ ୨ ମାସରୁ ଅଧିକ ସମୟ ହେବ ଆଉ ଅନ୍‌ଲାଇନ୍ ମାଧ୍ୟମରେ କରାଯାଉ ନାହିଁ । ଫଳରେ କ୍ରୀଡା ଛାତ୍ରାବାସର ଛାତ୍ରଛାତ୍ରୀମାନେ ନିଜ ନିଜ ଘରେ ରହି ଏବେ ସମ୍ପୂର୍ଣ୍ଣ ଭାବେ ପାଠପଢା ସୁଯୋଗରୁ ବଞ୍ଚିତ ହେଉଛନ୍ତି । କାରଣ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଏହି ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ଦିନ ରାଉରକେଲା ଓ ସୁନ୍ଦରଗଡ ସହରକୁ ଯାଇ ସ୍କୁଲ କଲେଜରେ ଅଧ୍ୟୟନ କରି ସେମାନଙ୍କ ନିଜ ନିଜ ଘରକୁ ଫେରିବା ସମ୍ଭବପର ହେଉନାହିଁ । ପୁନଶ୍ଚ ଛାତ୍ରଛାତ୍ରୀମାନେ ପ୍ରାୟ ଦେଢବର୍ଷ ଧରି କ୍ରୀଡା ଛାତ୍ରାବାସ ଠାରୁ ଦୂରରେ ରହି କ୍ରୀଡା ଅଭ୍ୟାସରୁ ବଞ୍ଚିତ ହୋଇଛନ୍ତି । ତେବେ ସରକାରୀ କ୍ରୀଡା ଛାତ୍ରାବାସ ବନ୍ଦ ରହିଥିବା ବେଳେ କିଛି ଘରୋଇ ଉତ୍କର୍ଷ କେନ୍ଦ୍ରରେ ପିଲାମାନେ ରହି ଅଭ୍ୟାସ କରୁଥିବାର ଦେଖାଯାଉଛି । ତେଣୁ ହକି କ୍ରୀଡାବିତ୍‌ଙ୍କ ପ୍ରତି ସରକାରଙ୍କର କ'ଣ ପାଇଁ ଏପରି ଦୋହରା ବିଚାର ବୋଲି ଶ୍ରୀ ତିର୍କୀ ପ୍ରଶ୍ନ କରି ରାଜ୍ୟ କ୍ରୀଡା ବିଭାଗ କ୍ରୀଡାବିତ୍‌ଙ୍କ ଭବିଷ୍ୟତ ଦୃଷ୍ଟିରୁ କ୍ରୀଡା ଛାତ୍ରାବାସ ଖୋଲିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଏହି ଅବସରରେ କଂଗ୍ରେସ ତରଫରୁ ଦାବି କରାଯାଇଛି । କାରଣ କ୍ରୀଡା ଛାତ୍ରାବାସ ଦୀର୍ଘଦିନ ଧରି ବନ୍ଦ ରହିବା ଦ୍ୱାରା କ୍ରୀଡାବିତ୍‌ଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି । ସେମାନଙ୍କ ମାନସିକ ଶକ୍ତି ଦୁର୍ବଳ ହେବା ସହିତ ଦକ୍ଷତା ଓ ଫିଟ୍‌ନେସ୍ ମଧ୍ୟ ପ୍ରଭାବିତ୍ ହେଉଛି । ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗର କ୍ରୀଡା ଛାତ୍ରାବାସ ବନ୍ଦ ସମ୍ପର୍କିତ ନିଷ୍ପତ୍ତି ସୁନ୍ଦରଗଡ ଜିଲ୍ଲାର ହକି ପ୍ରତିଭାଗୁଡିକର ଆବଶ୍ୟକୀୟ ବିକାଶରେ ଅ'ରାୟ ସୃଷ୍ଟି କରୁଥିବାରୁ ତୁର' ଏହି ନିଷ୍ପତ୍ତିର ପୁନର୍ବିଚାର କରି କ୍ରୀଡା ଛାତ୍ରାବାସ ଖୋଲିବାକୁ ଶ୍ରୀ ତିର୍କୀ ଦାବି କରିଛନ୍ତି । ଅପରପକ୍ଷରେ କ୍ରୀଡା ଛାତ୍ରାବାସରେ ମଧ୍ୟ ନାନାଦି ମୌଳିକ ସମସ୍ୟା ଲାଗିରହିଥିବା ବେଳେ ସରକାର ସେଗୁଡିକ ପ୍ରତି ଆଖି ବୁଜିଦେଇଛନ୍ତି । କ୍ରୀଡା ଛାତ୍ରାବାସରେ ସାଇକେଲ୍ ଷ୍ଟାଣ୍ଡଟିଏ ନଥିବାରୁ ଛାତ୍ରଛାତ୍ରୀମାନେ ସାଇକେଲ୍‌କୁ ନିଜ ରୁମ୍ ଭିତରେ ରଖିବାକୁ ବାଧ ହେଉଛନ୍ତି । କ୍ରୀଡା ଅଭ୍ୟାସ କରାଯାଉଥିବା ଆଷ୍ଟ୍ରୋଟର୍ଫ ପଡିଆ ପାର୍ଶ୍ୱରେ ଟଏଲେଟ୍ ନଥିବାରୁ ଛାତ୍ରୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଭ୍ୟାସରତ ଛାତ୍ରଛାତ୍ରୀଙ୍କ ଅଭ୍ୟାସକୁ ଅନ୍ୟ ଛାତ୍ରଛାତ୍ରୀମାନେ ବସି ଦେଖିବା ପାଇଁ ଗ୍ୟାଲେରୀଟିଏ ମଧ୍ୟ ନାହିଁ । ଅଭ୍ୟାସ ସମୟରେ କୌଣସି ଛାତ୍ରଛାତ୍ରୀ ଆହତ ହେଲେ ସେମାନଙ୍କ ଆଶୁଚିକିତ୍ସା ପାଇଁ ଛାତ୍ରାବାସରେ ଫିଜିଓଥେରାପୀର କୌଣସି ବ୍ୟବସ୍ଥା ନାହିଁ । ଛାତ୍ରାବାସରେ ଅଭ୍ୟର୍ଥନା କକ୍ଷ ନଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଭେଟିବାକୁ ଆସୁଥିବା ସେମାନଙ୍କ ଅଭିଭାବକମାନେ ବାହାରେ ଗଛତଳେ ଛିଡାହୋଇ ସାକ୍ଷାତ ଆଲୋଚନା କରି ଫେରୁଛନ୍ତି । ଗତ ପ୍ରାୟ ୮ ବର୍ଷ ତଳେ ଛାତ୍ରଛାତ୍ରୀଙ୍କ ଦୈନିକ ଖାଦ୍ୟ ଖର୍ଚ୍ଚ ୧୬୦ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଅଦ୍ୟାବଧି ଆଉ ଟଙ୍କାଟିଏ ବୃଦ୍ଧି ହୋଇନାହିଁ । ଅପରପକ୍ଷରେ ବିଭିନ୍ନ ଖାଉଟି ସାମଗ୍ରୀର ଦର ଅହେତୁକ ଭାବେ ବୃଦ୍ଧି ହୋଇଛି । ପାନପୋଷ କ୍ରୀଡା ଛାତ୍ରାବାସରେ ୧୫୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ମୁରୀ ମିଳିବା ସହିତ ଆବଶ୍ୟକୀୟ ବ୍ୟବସ୍ଥା ଥିବାବେଳେ ପ୍ରାୟ ୯୦ ଜଣ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି । ଜିଲ୍ଲାର ଗ୍ରାମାଞ୍ଚଳରୁ ଛାତ୍ରଛାତ୍ରୀ ଚୟନ କରି ଖାଲିଥିବା ସ୍ଥାନରେ ପ୍ରଶିକ୍ଷଣ ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଏଭଳି ଅନେକ ମୌଳିକ ସମସ୍ୟା ଲାଗି ରହିଥିବା ବେଳେ ରାଜ୍ୟ ସରକାର ସେସବୁ ପ୍ରତି ନିଦାବିଷ୍ଣୁ ସାଜି ନିଜ ପ୍ରଚାରରେ ମାତିଛନ୍ତି । ତେଣୁ ତୁର' ଛାତ୍ରାବାସକୁ ଖୋଲିବା ସହିତ ମୌଳିକ ସମସ୍ୟା ଗୁଡିକର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ତିର୍କୀ ଦାବି କରିବା ସହିତ ଅନ୍ୟଥା ଜିଲ୍ଲା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବ ବୋଲି ଚେତାବନୀ ଦେଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ତିର୍କୀଙ୍କ ସମେତ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି ଉପସ୍ଥିତ ରହି ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ମୁଖପାତ୍ର ଇଂ.ଆର୍.ପି. ସିଂହ ଓ ଗିରିଜା ଶଙ୍କର ମିଶ୍ର, ସାମାଜିକ ଗଣମାଧ୍ୟମର ସୁଧୀର ନାଥ ଓ ଦିଲ୍ଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ

ବାଲେଶ୍ୱର (ପିଏନ୍)- ଗତ ୧ ତାରିଖ ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ରଥକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହା ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ସଚେତନତା ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗଦେବ ପୌରୋହିତ୍ୟ କରିଥିବା ବେଳେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା.ଶଶାଙ୍କ ଶେଖର ଚୌଧୁରୀ, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପରେଶ ଚନ୍ଦ୍ର ନନ୍ଦୀ, ମେଡିକାଲ ଅଫିସର, ରକ୍ତ ଭଣ୍ଡାର ଡା. ବସନ୍ତ କୁମାର ଉପାଧ୍ୟାୟ, ଏପିଡେମୋଲୋଜିଷ୍ଟ ଡା. ଅରୁଣ ଅଭିଷେକ, ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି, ଶ୍ରୀ ବିଷ୍ଣୁପଦ ମିଶ୍ର ଏବଂ ଅନ୍ୟ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ । ଏହି ସଭାରେ ସ୍ୱେଚ୍ଛାକୃତ ରକ୍ତଦାନ କରୁଥିବା ସେବକ ଓ ସେବିକାମାନେ ଯୋଗ ଦେଇଥିଲେ । ବୈଠକରେ ରକ୍ତଦାନ ମହାନ ବିଷୟ ସମ୍ପର୍କରେ ଡାକ୍ତର ଏବଂ ଅଧିକାରୀମାନେ ଆଲୋଚନା କରିଥିଲେ । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଶ୍ରୀ ରମଣୀକାନ୍ତ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇ ରକ୍ତ ସଂଗ୍ରହ କରାଯାଇଥିଲା ।

# ପୁରୀରେ ମା'ବିମଳାଙ୍କ ଆଦି ଶକ୍ତିପୀଠ



ପୁଣ୍ୟଭୂମି ଭାରତବର୍ଷରେ କୋଟି କୋଟି ଦେବୀ ଦେବତା, ଦେବ ପୀଠ ଓ ଶକ୍ତିପୀଠ ରହିଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ମା' ଶକ୍ତିଙ୍କୁ ନିଜର ଝିଅ(ସତୀ) ରୂପରେ ପାଇବା ପରେ କୌଣସି ପ୍ରକାର ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଦକ୍ଷରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ। ଦକ୍ଷ ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ବାପାଙ୍କ ଅପମାନକୁ ସହ୍ୟ କରି ନପାରି ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ବ୍ରହ୍ମା ଓ ବିଷ୍ଣୁଙ୍କୁ ଅନୁରୋଧ କଲେ। ବିଷ୍ଣୁ ଅନୁଭବ କଲେ, ଯେପର୍ଯ୍ୟନ୍ତ ଶିବଙ୍କ ହସ୍ତରୁ ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ। ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ, (୧)ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା(ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରା ତାରିଣୀ (ସ୍ତନଖଣ୍ଡ), ୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ(ଜୋନିଖଣ୍ଡ) ଓ ୪) କୋଲକତାର ଦକ୍ଷିଣ କାଳୀ (ମୁଖଖଣ୍ଡ)। ଓଡ଼ିଶାରେ ମଧ୍ୟ ଗୋଟିଏ ମହା ଶକ୍ତିପୀଠ ମା' "ବିରଜା" ରହିଛନ୍ତି।



ଆଦି ଶକ୍ତିପୀଠଗୁଡ଼ିକ ମଧ୍ୟରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପୂଜିତା ମା'ବିମଳା ପୀଠ ଅନ୍ୟତମ। ଏହାକୁ ବିମଳା ଦେବୀ ପୀଠ ବି କୁହାଯାଏ। ପୌରାଣିକ ତଥ୍ୟ ଅନୁଯାୟୀ ଏଠାରେ ମା'ସତୀଙ୍କ ପାଦଖଣ୍ଡ ପଡ଼ିଥିଲା। ଏହି ଶକ୍ତି ପୀଠରେ ମା' ସତୀଙ୍କୁ 'ବିମଳା' ଏବଂ ଭଗବାନ ଶିବଙ୍କୁ 'ବ୍ରହ୍ମାଣ୍ଡ' କୁହାଯାଏ। ଏଠାରେ ବିଷ୍ଣୁ ଓ ଶିବଙ୍କୁ ଗୋଟିଏ ଦେବତା ଭାବେ ପୂଜା କରାଯାଏ। ଦେବୀ ସତୀ ଦେବୀ ଶକ୍ତି (ସଦଭାବର ଦେବୀ)ଙ୍କର ଅବତାର ଅଟନ୍ତି ଓ ତାଙ୍କୁ ଦେବୀ ଦୁର୍ଗା(ଶକ୍ତିର ଦେବୀ) ମଧ୍ୟ କୁହାଯାଏ। ଦେବୀ ସତୀଙ୍କୁ ଦେବୀ କାଳୀ(ଦୃଷ୍ଟ ଶକ୍ତି ବିନାଶର ଦେବୀ)ଙ୍କ ରୂପରେ ମଧ୍ୟ ପୂଜା କରାଯାଏ। ଦେବୀ ବିମଳା ହେଉଛନ୍ତି ମା'ଦୁର୍ଗା ଓ ପାର୍ବତୀଙ୍କର ଅବତାର। ସେ ହେଉଛନ୍ତି ଶ୍ରୀ ମନ୍ଦିରର ପରିଚାଳିକା। ଏଠାରେ ମା'ବିମଳାଙ୍କୁ ସ୍ୱତନ୍ତ୍ର ଭୋଗ ଅର୍ପଣ କରାଯାଏ ନାହିଁ। ଜଗନ୍ନାଥଙ୍କୁ ପ୍ରଥମେ ଭୋଗ ଲାଗିବା ପରେ ତାଙ୍କ ଉଚିଷ୍ଟକୁ ଦେବୀଙ୍କୁ ଅର୍ପଣ କରାଯାଏ ଓ ତାହା ମହାପ୍ରସାଦରେ ପରିଣତ ହୁଏ। ଅର୍ଥାତ୍ ଜଗନ୍ନାଥଙ୍କ ଉଚିଷ୍ଟ ବିମଳାଙ୍କୁ ଅର୍ପଣ ନହେବା ପର୍ଯ୍ୟନ୍ତ ତାହା ମହାପ୍ରସାଦରେ ପରିଣତ ହୁଏନାହିଁ। ଏ ସଂପର୍କରେ ଏକ ପୌରାଣିକ ତଥ୍ୟ ରହିଛି। ଥରେ ଶିବ ବୈକୁଣ୍ଠପୁର ଯାଇଥିଲେ। ସେଠାରେ ଶିବ ଦେଖିଲେ, ବିଷ୍ଣୁ ଖାଇ ସାରିବା ପରେ କିଛି ଖାଦ୍ୟଶସ୍ୟ ତଳେ ପଡ଼ିଛି। ଶିବ ଗୋଟିଏ ଶସ୍ୟ ଉଠାଇ ଖାଇଦେଲେ। କିନ୍ତୁ ତାଙ୍କ ଅଜାଣତରେ ସେହି ଶସ୍ୟର ଅଧା ତାଙ୍କ ଦାଢୀରେ ଲାଗିରହିଲା। ଶିବ ସେଠାରୁ କୈଳାଶ ଫେରିବା ପରେ ନାରଦ ମୁନି ଏହା ଦେଖି ସେହି ଅଧା ଶସ୍ୟକୁ ଖାଇଦେଲେ। ଏଥିଯୋଗୁ ପାର୍ବତୀ ଭୟଙ୍କର ଭାବେ ରାଗିଗଲେ। କାରଣ ସେହି ଅଧା ଶସ୍ୟ ଖାଇବାର ଅଧିକାର କେବଳ ତାଙ୍କର ଅଛି ! ଏ ଘଟଣା ସଂପର୍କରେ ଜାଣିବା ପରେ ବିଷ୍ଣୁ ତାଙ୍କୁ ଶାନ୍ତ କରିବା ପାଇଁ ଗୋଟିଏ ବର ପ୍ରଦାନ କଲେ ଯେ, କଳିଯୁଗରେ ସେ (ପାର୍ବତୀ) ପୁରୀରେ ମା' ବିମଳା ରୂପରେ ପୂଜା ପାଇବେ ଏବଂ ପ୍ରତିଦିନ ତାଙ୍କର ଉଚିଷ୍ଟ ଖାଇବାର ସୁଯୋଗ ପାଇବେ।








ମା'ବିମଳାଙ୍କ ମନ୍ଦିର ଜଗନ୍ନାଥ ମନ୍ଦିରରର ଡ଼ାହାଣକୁ ଓ ପବିତ୍ର ରୋହିଣୀ କୁଣ୍ଡ ପାର୍ଶ୍ୱରେ ଅବସ୍ଥିତ। ମନ୍ଦିରର ପ୍ରବେଶ ପଥ ପୂର୍ବ ଦିଗକୁ ରହିଛି। ମା'ବିମଳାଙ୍କ ମୂର୍ତିରେ ଚାରି ହାତ ରହିଛି। ଉପର ଓ ଡ଼ାହାଣ ହାତରେ ମାଳା ଧାରଣ କରିଛନ୍ତି। ତଳ ଡ଼ାହାଣ ହାତରେ ଆଶୀର୍ବାଦର ସଙ୍କେତ ଓ ତଳ ବାଁ ହାତରେ ଅମୃତ ଭରା ଏକ କଳସୀ ରହିଛି। ମା'ଙ୍କ ମନ୍ଦିରରେ ବ୍ରାହ୍ମୀ, ମାହେଶ୍ୱରୀ, ଆନ୍ଦ୍ରୀ,କୁମାରୀ, ବୈଷ୍ଣବୀ, ବରାହୀ ଓ ମା'ଚାମୁଣ୍ଡାଙ୍କର ମଧ୍ୟ ମୂର୍ତି ରହିଛି। ମନ୍ଦିରର ଶିଖରକୁ 'ରେଖା ଦେଉଳ' କୁହାଯାଏ। ଏହାର ଉଚତା ୬୦ ଫୁଟ୍। ଏହାର ବାହାର ଦ୍ୱାର ୫ ଭାଗରେ ବିଭକ୍ତ। ମନ୍ଦିରର ୪ଟି ପ୍ରମୁଖ ଅଂଶ ରହିଛି, ଯଥା:- ମନ୍ଦିର ଶିଖର (ବିମାନମ), ସମ୍ମେଳନ ସଭାମଣ୍ଡପ (ଜଗମୋହନ), ପର୍ବ ମହୋତ୍ସବ ସଭା ମଣ୍ଡପ(ନାଟ ମଣ୍ଡପ) ଓ ଭୋଗ ମଣ୍ଡପ (ଆହୁତି ସଭାମଣ୍ଡପ)। ଏଠାରେ ଦୁର୍ଗାପୂଜା ମହୋତ୍ସବ ୧୬ ଦିନ ଧରି ଚାଲେ। ଏହାକୁ ଶାରଦୀୟ ଉତ୍ସବ ବୋଲି କୁହାଯାଏ। ନବରାତ୍ରି ଓ ବିଜୟା ଦଶମୀ ଉତ୍ସବ ମଧ୍ୟ ଅତି ଉଲ୍ଲାସରେ ପାଳିତ ହୁଏ। ଏଥିସହ ଅନ୍ୟାନ୍ୟ ପର୍ବଆଦି ମହୋତ୍ସବ ମଧ୍ୟ ଏଠାରେ ପାଳିତ ହୁଏ।

ତୀର୍ଥଯାତ୍ରୀ ଓ ସାଧାରଣରେ ବିଶ୍ୱାସ ରହିଛି ଯେ, ଏଠାରେ କୌଣସି ଭକ୍ତ ବା ଶ୍ରଦ୍ଧାଳୁ ନିଷ୍ଠାର ସହ ମା'ଙ୍କର ପୂଜାର୍ଚ୍ଚନା କଲେ, ନିଜର ଦାମ୍ପତ୍ୟ ଓ ପାରିବାରିକ ଜୀବନ ମଙ୍ଗଳମୟ ଓ ସୁଖ ଦାୟକ ହେବା ସହ ମା'ଙ୍କ ଆଶୀର୍ବାଦରେ ଧର୍ମପରାୟଣ ମଣିଷ ହୋଇ ପାରିବ। ଏହି ବିଶ୍ୱାସରେ ନିଜର ମନସ୍କାମନା ପୂରଣ ପାଇଁ ମା'ଙ୍କର ପୂଜା-ଆରାଧନା କରିବାକୁ ପ୍ରତିଦିନ ଏହି ଆଦି ଶକ୍ତିପୀଠକୁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ଆସିଥାନ୍ତି। ଯେଉଁମାନେ ପୁରୀ ଆସନ୍ତି, ସେମାନେ ଜଗନ୍ନାଥଙ୍କ ସହ ମା' ବିମଳାଙ୍କୁ ମଧ୍ୟ ଦର୍ଶନ କରିଥାନ୍ତି।

**ଶରତ କୁମାର ରାଉତ**
*ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮*

# ଗୋକର୍ଣ୍ଣେଶ୍ୱର ମନ୍ଦିର ପୂଜକଙ୍କ ସ୍ମୃତିଚାରଣ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ନିକଟ ଗୋକର୍ଣ୍ଣେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ସ୍ୱର୍ଗତ ବିନୋଦ ବିହାରୀ ପାଢୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟି ବେଣୁଧର ନାୟକଙ୍କ ସଭାପତିତ୍ୱରେ ପରିଚାଳିତ ଶୋକସଭାରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ, ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢୀ, କବି ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ସମାଜସେବୀ କାହ୍ନୁଚରଣ ଦାଶ ଓ ଗୋଲକ ଚନ୍ଦ୍ର ପଲେଇ ଅତିଥିଭାବେ ଯୋଗଦେଇ ବିନନନା ଭାବେ ପରିଚିତ ମୁଣ୍ଡମାଳ ଗ୍ରାମର ସ୍ୱର୍ଗତ ପାଢୀଙ୍କୁ ଜଣେ ଧର୍ମପରାୟଣ ଓ ନିଷ୍ପାପର ପୂଜକ ଭାବେ ବର୍ଣ୍ଣନା କରିଥିଲେ । ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡା, ସଂଯୋଜକ ପ୍ରଫୁଲ୍ଲ କୁମାର ରାୟ, ଅଖିଳ କୁମାର ସ୍ୱାଇଁ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଂଜନ କର, ଶିକ୍ଷକନେତା ଯୁଧିଷ୍ଠିର ସ୍ୱାଇଁ, ଆଦିକନ୍ଦ ସ୍ୱାଇଁ, ଶଶୀଭୂଷଣ ଦ୍ୱାରୀ, ନୃସିଂହ ଚରଣ ମିଶ୍ର, ରମେଶ କୁମାର ସ୍ୱାଇଁ, ଅଶୋକ କୁମାର ସାହୁ, ଉଲ୍ଲାସ କୁମାର ସାମଲ, ରାଧାକାନ୍ତ ଦାଶ, ନନ୍ଦ କିଶୋର ସ୍ୱାଇଁ, ଶୁଭମ୍ ପ୍ରକାଶ ପାଢୀ ଓ ଆଖଣ୍ଡଳମଣି ଦାଶ ଯୋଗଦେଇ ସ୍ୱର୍ଗତ ପାଢୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ପରିବାର ପକ୍ଷରୁ ଦେବଦତ୍ତ ପାଢୀ, ନବଘନ ପାଢୀ, ସୋମନାଥ ପାଢୀ, ସତ୍ୟରଂଜନ ପାଢୀ ଓ ରମେଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହିତ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା ଓ ଗୀତା ଆବୃତି କରାଯାଇଥିଲା ।

# ଗଣମାଧ୍ୟମକୁ ଆଉ କୌଣସି ସୂଚନା ଦେବ ନାହିଁ ପୁଲିସ

ବାଲେଶ୍ୱର (ପିଏନ୍)-ଜିଲ୍ଲାର କୌଣସି ଗଣମାଧ୍ୟମକୁ ମତାମତ, ବାଇଟ୍ ବା କୌଣସି ପ୍ରକାର ସୂଚନା ପୁଲିସ ଦେବନାହିଁ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସମସ୍ତ ଥାନାକୁ ଚିଠି କରିଥିବା ଜଣାଯାଇଛି। ଚିଠି ନଂ-୬୯୦୧/ ୨୯.୦୯.୨୦୨୧ରେ ଜିଲ୍ଲାର ସମସ୍ତ ଥାନା ଅଧିକାରୀ ଡ଼ିଏସପି, ସମସ୍ତ ଏସଡ଼ିପିଓ, ସିଟି ଅଧିକାରୀମାନଙ୍କୁ ସୂଚନା ଦେବାକୁ ବାରଣ କରାଯାଇଛି। ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ କୌଣସି ସୂଚନାକୁ ବାରଣ କରାଯାଇ ଥିବାରୁ ଜିଲ୍ଲାରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର କଣ୍ଠରୁଦ୍ଧ ପାଇଁ ଉଦ୍ୟମ ହେଉଥିବା ଆଇନଜୀବୀ ମନୋଜ କୁମାର ନାୟକ କହିଥିଲା ବେଳେ ସୂଚନା ପାଇବା ପାଇଁ ଗଣମାଧ୍ୟମର ଅଧିକାର ରହିଛି ଓ ଏହା ଆଇନଗତ ବୋଲି କହିଛନ୍ତି। ଏହା ଇଂରେଜ ଅମଳର ଶାସନକୁ ମନେପକାଇ ଦେଉଛି ବୋଲି ସେ ପ୍ରକାଶ କରିଛନ୍ତି।

## ପ୍ରାଚୀ ଗୁରୁଧର୍ମ କ୍ଷେତ୍ରରେ ଷୋଳପୂଜା ଆରମ୍ଭ



ଗୋପ (ପିଏନ୍): ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁଧର୍ମ କ୍ଷେତ୍ରାଧିପତି ମା ଶ୍ୟାମାକାଳୀ ଓ ଦକ୍ଷିଣକାଳୀଙ୍କର ମୂଳାଷ୍ଟମୀଠାରୁ ଷୋଳପୂଜା ଆଶ୍ରମ ପରିସରରେ ଆରମ୍ଭ ହୋଇଛି । ପ୍ରତ୍ୟେକ ଦିନ ପରି ପ୍ରଭାତ ଅବକାଶ ମଙ୍ଗଳ ଆଳତୀ ଓ ସୂର୍ଯ୍ୟପୂଜା ଶେଷ ପରେ ମା'ଙ୍କ ମହାସ୍ନାନ ଏବଂ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା । ଏହା ୧୨ ତାରିଖ ଦୁର୍ଗାପୂଜା ପର୍ଯ୍ୟନ୍ତ ଯଥାବିଧିରେ କରାଯିବ ବୋଲି ଅଧ୍ୟକ୍ଷ ବାବାଜୀ ଦାମୋଦର ଦାସ ପ୍ରକାଶ କରିଛନ୍ତି । ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ ମାତୃ ଉପାସକ । ଏଣୁ ଶ୍ରୀ ଗୁରୁଦେବଙ୍କ ନିର୍ଦ୍ଦେଶାନୁଯାୟୀ ଓ ଭକ୍ତମାନଙ୍କ ଆକୁଳ ବ୍ୟାକୁଳ ଗୁହାରି ଶୁଣିବାକୁ ଏହି କ୍ଷେତ୍ରରେ ୧୯୪୧ ମସିହାରୁ ମା'ଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି । ଓଡିଶାର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଏଠାକୁ ଆସି ଗୋଟିଏ ଛାତ ତଳେ ମା' ଶ୍ୟାମାକାଳୀ ଓ ଦକ୍ଷିଣ କାଳୀଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥା'ନ୍ତି । ଏହି ଆଶ୍ରମରେ ପ୍ରତ୍ୟେକ ଦିନ ଭିକ୍ଷା କରାଯାଇଥାଏ । ଏଣୁ ଏହି ସ୍ୱତନ୍ତ୍ର ଷୋଳପୂଜାରେ ପ୍ରତ୍ୟେକ ଗୁରୁଭାଇ ନିଜର ଦାୟିତ୍ୱ ନେଇ ପୂଜାର୍ଚ୍ଚନାରେ ସହଯୋଗ କରିଥାନ୍ତି । ଅକ୍ଟୋବର ୧୨ ତାରିଖରେ ମା'ଙ୍କ ପାଖରେ ଅଖଣ୍ଡ ନାମ ସହ ରାତ୍ର ୩ ଘଟିକାରେ ପାଣିକଖାରୁ ବଳି ପ୍ରଥା ରହିଛି ବୋଲି ସେବକ ପ୍ରୀତିରଂଜନ ଦାସ ସୂଚନା ଦେଇଛନ୍ତି । ସମସ୍ତ ଭକ୍ତ ଏହି ଉତ୍ସବରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି ।

# ମାଆ ତାରିଣୀ କମାଣ୍ଡର ଓ ଟାକ୍ସି ଡ୍ରାଇଭର ଆସୋସିଏସନ ଜିଲ୍ଲାପାଳଙ୍କୁ ସ୍ଥାୟୀ ଥଇଥାନ ପାଇଁ ଦାବି କଲେ

ଅନୁଗୋଳ (ପିଏନ୍): ମାଆ ତାରିଣୀ କମାଣ୍ଡର ଓ ଟାକ୍ସି ଡ୍ରାଇଭର ଆସୋସିଏସନ, ଅନୁଗୋଳର ସଭ୍ୟମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ବ୍ୟବସାୟକୁ ଚାଲୁ ରଖିବା ଉଦ୍ଦେଶ୍ୟରେ ଗାଡିଗୁଡିକ ପାର୍କିଙ୍ଗ କରିବା ପାଇଁ ସେମାନଙ୍କୁ ତୁରନ୍ତ ଏକ ଜାଗାର ବ୍ୟବସ୍ଥା କରିବା, ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଏକ ଜାଗାର ବ୍ୟବସ୍ଥା, ଟାକ୍ସିରେ ରୋଗୀଠାରୁ ଆରମ୍ଭ କରି ବିଭିନ୍ନ ଲୋକମାନଙ୍କୁ ନେବା ଆଣିବା କରି ନିଜ ଜୀବନକୁ ବାଜି ଲଗାଇ ସାହାଯ୍ୟ କରି ଆସୁଥିବାରୁ ସେମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା, ସମସ୍ତ ଡ୍ରାଇଭରମାନେ କରୋନା ସମୟରେ ନିଜର ବୃତି ହରାଇଥିବାରୁ ସେମାନଙ୍କ ପରିବାର ପ୍ରତିପୋଷଣ ବିପନ୍ନ ହୋଇଯାଇଛି, ଏଣୁ ସମସ୍ତ ଡ୍ରାଇଭରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଆଦି ଚାରି ଦଫା ଦାବି ରହିଛି । ସେମାନଙ୍କ ଦାବିକୁ ତୁରନ୍ତ ଦଶ ଦିନ ମଧ୍ୟରେ ସମାଧାନ କରା ନ ଗଲେ ସେମାନେ ଆମରଣ ଅନଶନ କରିବା ପାଇଁ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ସେମାନେ ଗତ ୧୯୯୫ମସିହାଠାରୁ ଅନୁଗୋଳ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସାମନାରେ ଅସ୍ଥାୟୀ କାର୍ଯ୍ୟାଳୟ କରି ବ୍ୟବସାୟ ଚଳାଇ ଆସୁଥିଲେ । କିନ୍ତୁ ସହର ସୌନ୍ଦର୍ଯ୍ୟକରଣ ପାଇଁ ଗତ ୦୩।୧୧।୨୦୨୦ରିଖ ଦିନ ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ, ପୋଲିସ ନେଇ କୌଣସି ପ୍ରକାର ସୂଚନା ନ ଦେଇ ଉକ୍ତ ସ୍ଥାନରୁ ସେମାନଙ୍କୁ ହଟାଇଦେଲେ ଓ ସେମାନଙ୍କର ଅସ୍ଥାୟୀ କାର୍ଯ୍ୟାଳୟ ଚାଲୁଥିବା କେବିନକୁ ମଧ୍ୟ ଉଠାଇ ନେଇଯାଇଥିଲେ । ଜିଲ୍ଲାରେ କରୋନାର କରାଳ ରୂପ ଯେତେବେଳେ ସମସ୍ତଙ୍କୁ ଅନ୍ଧାର ଭିତରକୁ ନେଇ ଯାଇଥିଲା, ସେତେବେଳେ ଜିଲ୍ଲା ପ୍ରଶାସନ ଅମାନବୀୟ ଭାବେ ସେମାନଙ୍କୁ ବୃତିହରା କରି ଦେଇଥିଲେ । କରୋନାରେ ସ୍ୱଚ୍ଛ ରୋଜଗାରକ୍ଷମ ବ୍ୟକ୍ତିମାନଙ୍କୁ ସରକାର ସହାୟତା ପ୍ରଦାନ କରୁଥିବା ବେଳେ ଅନୁଗୋଳ ଜିଲ୍ଲା ପ୍ରଶାସନ ସେମାନଙ୍କ ଉପରେ ବେଡି ଉପରେ କୋରଡା ସଦୃଶ ବ୍ୟବହାର କରି ସେମାନଙ୍କଠାରୁ ରୋଜଗାର ଛଡାଇନେଲେ ଯାହାକି ଅତ୍ୟନ୍ତ ନିନ୍ଦନୀୟ ବୋଲି ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଡ୍ରାଇଭର କ୍ଷୋଭ ପ୍ରକାଶ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ତପନ ଶତପଥିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ଓ ଅତିରିକ୍ତ ଜିଲ୍ଲାପାଳ ଉକ୍ତ ସମସ୍ୟାକୁ ସହୃଦୟତାର ସହ ବିଚାର କରି ତୁରନ୍ତ ସାତଦିନ ଭିତରେ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ବୈଠକ ଡାକି ସମାଧାନ କରିବାକୁ ପ୍ରତିଶୃତି ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ସମୟରେ ଆସୋସିଏସନର ଉପଦେଷ୍ଟା ଜିଲ୍ଲା କଂଗ୍ରେସ ସଭାପତି ବିପ୍ଳବ ଜେନା, ଆଇନ ପରାମର୍ଶଦାତା ଆଡଭୋକେଟ ଗୋପାଳ ନାଥ, ପୂର୍ବତନ ବାର ସଭାପତି ଜିତେନ୍ଦ୍ର ସାହୁ, ଧର୍ମେନ୍ଦ୍ର ମିଶ୍ର, ନିଳକଣ୍ଠ ନାଏକ, ପ୍ରଶାନ୍ତ ବିଶ୍ୱାଳ, ସଭାପତି ଦିନବନ୍ଧୁ ଅମାତ, ଉପସଭାପତି ଅନିଲ କୁମାର ନାଏକ, ସଂପାଦକ ପାର୍ଥ ସାରଥି ଦାସ, ପ୍ରକାଶ ସାହୁ, ରାଜକିଶୋର ବିଶ୍ୱାଳ, କପିଳ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୦୭

# ଅନ୍ୱେଷାର ପର୍ବ



ପରମ୍ପରାର ପୃଥିବୀରେ ବଞ୍ଚିଥିବା ମଣିଷ ଆଜିର ମଣିଷ ଠାରୁ ବହୁ ଭାବହରେ ଭିନ୍ନ । ଅତୀତର ମଣିଷ ଥିଲା ଏକ ସରଳ ଉପତ୍ୟକାର ଅଧିବାସୀ । ସାମୂହିକତା ସୂତ୍ରରେ ଆବଦ୍ଧ ଏହି ମଣିଷ ପାଇଁ ସୌଭାଗ୍ୟ ଥିଲା ସାମୂହିକ । କୃଷିଭିତ୍ତିକ ସଭ୍ୟତାରେ ବିଶ୍ୱାସୀ ପ୍ରାଚୀନ ମଣିଷ ପାଇଁ ଜୀବନ ଥିଲା ବିକାଶର ଏକ ସୋପାନ । ପ୍ରାରବ୍ଧ କର୍ମରେ ବିଶ୍ୱାସ କରୁଥିବା ମଣିଷ ଜନ୍ମମୃତ୍ୟୁର ସୀମିତ ପରିବେଶ ମଧ୍ୟରେ ଜୀବନକୁ ଅବସ୍ଥାପିତ କରିନଥିଲା । ପ୍ରାଚୀନ ମଣିଷ ପାଇଁ ମୃତ୍ୟୁ ଥିଲା ଏକ ନୂତନ ଜୀବନର ପ୍ରସ୍ତୁତି କ୍ଷେତ୍ର । ଆଧୁନିକ ମଣିଷ କିନ୍ତୁ ଏହି ଚେତନା ଠାରୁ ବହୁ ଭାବରେ ଭିନ୍ନ । ସମୟର ଧାରାରେ ଆଜି ପୃଥିବୀ ବହୁଭାବରେ ପରିବର୍ତ୍ତିତ । ବ୍ୟକ୍ତି ଆପଣାର ଜ୍ଞାନ ବଳରେ ବହୁ ଅସାଧ ସାଧନ କରିବା ସହିତ ସମଗ୍ର ବିଶ୍ୱକୁ ଅନୁଧ୍ୟାନ କରିବାର ଶକ୍ତି ସଂଗ୍ରହ କରିପାରିଛି । ପରମ୍ପରାର ରୂପଚିତ୍ର ବଦଳିଛି ଏବଂ ବଦଳିଛି ମଧ୍ୟ ଜୀବନକୁ ବୁଝିବାର ଦୃଷ୍ଟିଭଙ୍ଗୀ । ଦିନେ ଦେବଶିଶୁ ଭାବେ ସୃଷ୍ଟିର ଶ୍ରେଷ୍ଠତ୍ୱ ଦାବି କରୁଥିବା ମଣିଷ; ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ତତ୍ତ୍ୱବଳରେ ମର୍କଟର ବଂଶଧରରେ ରୂପାନ୍ତରିତ ହୋଇଛି । ମାର୍କସ୍‌ଙ୍କ ସମାଜବାଦ, ଫ୍ରଏଡ୍‌ଙ୍କ ଯୌନତତ୍ତ୍ୱ, ଆଇନ୍‌ଷ୍ଟାଇନ୍‌ଙ୍କ ଆଣବିକ ତତ୍ତ୍ୱ– ଯୁଗ ଓ ଜାତିର ଚେତନାରେ ତୋଳିଛି ଅଭୂତପୂର୍ବ ପରିବର୍ତ୍ତନ । ନବ୍ୟ ଇତିହାସକରଣ ଅତୀତକୁ ଏକ ନୂଆ ଆଖି ନେଇ ଦେଖିବାର ଖୋରାକ୍ ଯୋଗାଇଛି । ଏକଦା ଚିହ୍ନା ଅଚିହ୍ନା ଉପତ୍ୟକାର ସମାହାର ଭାବରେ ପରିକଳ୍ପିତ ବିଶ୍ୱ ଆଜି କ୍ରମଶଃ ସଂକୁଚିତ ହୋଇପଡ଼ିଛି । ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ପ୍ରଯୁକ୍ତି ବିଦ୍ୟା ଦ୍ୱାରା ମୁହୂର୍ତ୍ତକରେ ଆମ ବିଚାରଧାରାକୁ ପ୍ରଭାବିତ କରୁଛି । ମୁକ୍ତ ଅର୍ଥନୀତି ଏବଂ ଜଗତୀକରଣର ରାହୁଗ୍ରାସରେ ଆଜିର ଜୀବନ ସମ୍ପୂର୍ଣ୍ଣଭାବେ କବଳିତ ହୋଇପଡ଼ିଛି । ଏହାସହ ସହର ଭିତ୍ତିକ ଦ୍ରୁତ ଶିଳ୍ପାୟନ ଭାରତୀୟ ଜନଜୀବନକୁ କରିଛି ବିପର୍ଯ୍ୟସ୍ତ । ଭିଟାମାଟିର ମୋହକୁ ପରିତ୍ୟାଗ କରି ଜୀବିକା ଅନ୍ୱେଷଣରେ ସହରାଭିମୁଖୀ ହେଉଥିବା ବିପୁଳ ଜନତାଙ୍କ ଅଶ୍ରୁଳ ଇତିହାସ ଆଜି ସମଗ୍ର ଭାରତବର୍ଷକୁ ସ୍ତବ୍ଧ ଓ ଚକିତ କରିଦେଇଛି ।

ଏହି ପରିପ୍ରେକ୍ଷୀରେ କହିରଖେ ସାଂପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗରେ ପରମ୍ପରାର ପୃଥିବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ; ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଅହରହ ଉଚ୍ଚକିତ କରିଆସିଛି । ଗୋଟିଏ ଦିଗରେ ପାରମ୍ପରିକ ମୂଲ୍ୟବୋଧ, ନୀତି, ଆଦର୍ଶ; ଅନ୍ୟ ଦିଗରେ ବଞ୍ଚିବାର ସରଳତମ ସୂତ୍ର ଖୋଜୁ ଖୋଜୁ ବ୍ୟକ୍ତି ହୋଇଉଠିଛି ଉଦ୍‌ଭ୍ରାନ୍ତ । ସବୁ ବଦଳିବା ଭିତରେ କିନ୍ତୁ ମଣିଷର ଅନ୍ୱେଷା ତଥାପି କୌଣସି ସ୍ଥିର ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇପାରିନାହିଁ । ଖୋଜିବାର ଅନ୍ତଃହୀନ ଯାତ୍ରା ଭିତରେ ଅତୀତର ମଣିଷ ଯେପରି ପୂର୍ଣ୍ଣତା ଲାଭ କରିପାରି ନଥିଲା; ଠିକ୍ ସେହିପରି ସାମ୍ପ୍ରତିକ ସମୟର ମଣିଷ ମଧ୍ୟ ଖୋଜି ଖୋଜି ନୟାନ୍ତ ହୋଇପଡ଼ିଛି ସମୟର ଅଣନିଃଶ୍ୱାସୀ ଜୀବନଯାତ୍ରାରେ । ମଣିଷ ଆଗରେ ଏକ ସରଳତମ ଉତ୍ତରଟିଏ ଦେବାକୁ ଯାଇ ଦିନେ ଭାରତୀୟ ଦର୍ଶନ କହିଥିଲା– 'ସ୍ୱୋଽହଂ' । ଏପରିକି ଭାଗବତକାର ମଧ୍ୟ ବୁଝାଇ ଦେଇଥିଲେ ମନର ଏକ ତତ୍ତ୍ୱ । କିନ୍ତୁ ନା' ସରିଲା ଅନ୍ୱେଷାର ଏ ପର୍ବ; ନା' ମଣିଷ ପାଇଥିଲା ପୂର୍ଣ୍ଣତାର ଶେଷକଥା । ଯୁଗ ଯୁଗ ଧରି ଏହାର ଅନୁରଣନ ସତେ ଯେମିତି କାଳକୁ ପରାହତ କରି ଏ ଯାବତ୍ ଗଡ଼ି ଆସିଅଛି ।

# କହିଲେ କହିବ କହୁଛି...

ଇଂରେଜମାନେ ଆମ ଦେଶକୁ ଦିନେ ଆସିଥିଲେ ବାଣିଜ୍ୟ ପାଇଁ କିନ୍ତୁ ସ୍ୱର୍ଣ୍ଣପ୍ରସୂ ଭାରତର ଐଶ୍ୱର୍ଯ୍ୟରେ ବିଭୋର ହୋଇ ଏହାକୁ ଶାସନ କରିବାର ପ୍ରଲୋଭନ ଧାରାରେ ସରଳ ଭାରତୀୟଙ୍କୁ କରିଥିଲେ ବିଭ୍ରାନ୍ତ । ପରବର୍ତ୍ତୀ ସମୟରେ ଭାରତୀୟ ଅସ୍ମିତାର ପୁନର୍ଜାଗରଣ ଭାରତୀୟଙ୍କୁ ସ୍ୱାଧୀନତା ଦେଇଥିଲା ସତ, କିନ୍ତୁ ତା'ରି ଭିତରେ ଜାତୀୟ ଚରିତ୍ରଟି ନଷ୍ଟ ପାଇଯାଇଛି । ସ୍ୱାଧୀନତା ପରେ ଆମେ ଇଂରେଜମାନଙ୍କ କାର୍ଯ୍ୟଦକ୍ଷତା ପ୍ରତିବଦଳରେ ବେଶି ଆହରଣ କରିଛୁ ସେମାନଙ୍କ ସୁଟ୍ ଓ ଟାଇ । ଇଂରେଜମାନେ ଦେଶ ଛାଡ଼ି ଯାଇଛନ୍ତି ସତ ମାତ୍ର ସେମାନଙ୍କ ଚାଲିଚଳଣି ଓ ଭାଷା ଛାଡ଼ି ଯାଇଛନ୍ତି ଇଂରେଜୀ ଶିକ୍ଷିତ ଭାରତୀୟଙ୍କ ପାଇଁ । ସେମାନଙ୍କ ଘରେ ଡାଡ଼ି, ମମି ଓ ସାହେବ ଡାକରେ ଅହଂବୋଧ ପରିତୃପ୍ତ ହେଉଛି ।

ପ୍ରକୃତପକ୍ଷେ କହିବାକୁ ଗଲେ ଇଂରେଜମାନଙ୍କଠାରୁ କ୍ଷମତା ହସ୍ତାନ୍ତର ପରେ ପରେ ଏଭଳି ହୀନମନ୍ୟତା ହିଁ ବୃଦ୍ଧି ପାଇଛି ଭାରତୀୟ ସଂସ୍କୃତିରେ । ଇଂରେଜମାନଙ୍କ ବିଦାୟ ପରେ ସ୍ୱାଧୀନତା ସଂଗ୍ରାମ ବେଳର ସେ ଆଦର୍ଶବାଦ ଓ ତିତୀକ୍ଷା ମଧ୍ୟ ପୁରାପୁରି ବିଦାୟ ନେଇଛି । ତା' ସ୍ଥାନରେ ଆସିଛି କ୍ଷମତାଭିଳାଷ । ରାଜନୀତିର ସ୍ୱାର୍ଥମେଧ ଯଜ୍ଞ ସ୍ୱାର୍ଥସେବାର ଜୈତ୍ରମଣି ଯଜ୍ଞରେ ପରିଣତ ହୋଇଛି । ରାତାରାତି ଧନୀଲୋକ ହେବାପାଇଁ ଚାଲିଛି ପ୍ରତିଯୋଗିତା । ପାଶ୍ଚାତ୍ୟର ଭୌତିକତାବାଦ; ଭାରତୀୟ ମୂଲ୍ୟବୋଧର ଗଳାଚିପି ହତ୍ୟା କରିସାରିଛି । ଛଳନା ଓ ପରଶ୍ରୀକାତରତା ମଧ୍ୟରେ ସ୍ୱାଧୀନତାର ମୁକ୍ତି ସ୍ୱପ୍ନ ହୋଇଛି ବିଡ଼ମ୍ବିତ ।

ପରିଶେଷରେ କେବଳ ଏତିକି କହିବି ଚଳନ୍ତି ସମୟର ମଣିଷ ହେଉଛି କାଳର ଏକ କରୁଣ ପରିଣତି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆମେ ନିଜର ଅନେକ ସମସ୍ୟା ସମାଧାନ କରିଥିଲେ ମଧ୍ୟ ଅନେକ ନୂତନ ସମସ୍ୟା ସୃଷ୍ଟି କରିଚାଲିଛୁ । କ୍ରମେ ମଣିଷର ନୈତିକ ଚିନ୍ତାଧାରା ଓ ଆଦର୍ଶ ବିଡ଼ମ୍ବିତ ହୋଇଛି । ଫଳରେ ସ୍ୱାଧୀନ ଭାରତର ଜନସାଧାରଣ ଦେଖିଥିବା ନୂତନ ଆଶା ଓ ସ୍ୱପ୍ନ କାଳ ବକ୍ଷରେ ମ୍ଳାନ ହୋଇଯାଇଛି ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭

## ଆଜିର ଅନୁଚିନ୍ତା

*ଆମ୍ଭେ ଅଣୁ ନୁହେଁ ମହାନ୍, ଅଳ୍ପ ନୁହେଁ ଭୂମା ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସମାଜବାଦ ଏବଂ ଗଣରାଜ୍ୟର ପ୍ରବର୍ତ୍ତକ ମହାରାଜା ଶ୍ରୀ ଅଗ୍ରସେନ

**ସମ୍ପତ୍ତ କୁମାର ଅଗ୍ରୱାଲ**

ବିଶ୍ୱରେ ବର୍ତମାନ ସମୟରେ ଅନେକ ଦେଶରେ ଗଣରାଜ୍ୟ ପଦ୍ଧତି ପ୍ରଚଳିତ ରହିଛି। ଅନେକ ଦେଶ ଏହାଦ୍ୱାରା ସୁସଂଗଠିତ ଏବଂ ଶୃଙ୍ଖଳିତ ଭାବେ ପରିଚାଳିତ। ସେହିପରି ସମାଜବାଦ ପଦ୍ଧତି ମଧ୍ୟ କେତେକ ଦେଶରେ ପ୍ରଚଳିତ ରହିଛି। ମାତ୍ର ଏହି ଗଣରାଜ୍ୟ ପଦ୍ଧତି ଓ ସମାଜବାଦ ପଦ୍ଧତିର ପ୍ରବର୍ତ୍ତନ ଆଜକୁ ପାଞ୍ଚ ହଜାର ବର୍ଷ ପୂର୍ବେ ମହାରାଜ ଶ୍ରୀ ଅଗ୍ରସେନ ତାଙ୍କ ରାଜ୍ୟରେ କରିଥିଲେ। ମହାରାଜ ଶ୍ରୀ ଅଗ୍ରସେନ ଅଖଣ୍ଡ ଭାରତର ପ୍ରତାପ ନଗର (ଅଗ୍ରେୟ) (ଯାହାକି ବର୍ତ୍ତମାନ ସମୟରେ ହରିଆନା ରାଜ୍ୟର ହିସାର ଜିଲ୍ଲାରେ ଅବସ୍ଥିତ) ରାଜ୍ୟରେ ୫ ହଜାର ବର୍ଷ ପୂର୍ବେ ଶାସନ କରୁଥିଲେ। ମହାରାଜା ଶ୍ରୀ ଅଗ୍ରସେନ ଏହା ବ୍ୟତିତ ନିଜ ରାଜ୍ୟର ପ୍ରଜାଙ୍କ ମଧ୍ୟରେ ସମାନତା ସ୍ଥାପନା ଲକ୍ଷରେ ଗୋଟିଏ ଇଟା ଏବଂ ଗୋଟିଏ ମୁଦ୍ରା ନିୟମର ପ୍ରଚଳନ କରିବା ସହିତ ନିଜ ରାଜ୍ୟରେ ଜୀବହତ୍ୟା ନିଷେଧ, ଅହିଂସା ଆଚରଣ, ନିରାମିଷ ଭୋଜନ ଗ୍ରହଣ ଏବଂ ପରୋପକାର ପରି ଉଚ୍ଚ ଚିନ୍ତାଧାରାର ପ୍ରଚଳନ କରିଥିଲେ। ଅଗ୍ରୱାଲମାନେ ଆଜି ମଧ୍ୟ ଅହିଂସା



ଆଚରଣ, ନିରାମିଶ ଭୋଜନ ଓ ସମାଜ ସେବା ମାଧ୍ୟମରେ ଅଗ୍ରବଂଶ (ଅଗ୍ରୱାଲା) ଶିରୋମଣି ମହାରାଜ ଶ୍ରୀ ଅଗ୍ରସେନଙ୍କ ଜୟଘୋଷ କରୁଛନ୍ତି।

ଆଜକୁ ପ୍ରାୟ ୫୨୦୦ ବର୍ଷ ପୂର୍ବେ ମହାରାଜ ଶ୍ରୀ ଅଗ୍ରସେନ ଜନ୍ମ ଗ୍ରହଣ କରି ପରବର୍ତ୍ତୀ ସମୟରେ ବୈଶ୍ୟ ଅଗ୍ରୱାଲ ବଂଶର ପ୍ରତିଷ୍ଠା କରିଥିଲେ। ମହାରାଜ ଶ୍ରୀ ଅଗ୍ରସେନଙ୍କ ଜନ୍ମ ପ୍ରତାପ ନଗର (ଅଗ୍ରେୟ) (ଯାହାକି ବର୍ତ୍ତମାନ ସମୟରେ ହରିଆନା ରାଜ୍ୟର ହିସାର ଜିଲ୍ଲାରେ ଅବସ୍ଥିତ)ର ରାଜା ବଲ୍ଲଭଙ୍କ ଘରେ ହୋଇଥିଲା। ତାଙ୍କ ଅଜାଙ୍କ ନାମ ରାଜା ମହୀଧର। ମହାରାଜ ବଡ ହେବା ପରେ ରାଜକାର୍ଯ୍ୟ ସହିତ ବେଦଶାସ୍ତ୍ର, ଅର୍ଥଶାସ୍ତ୍ର ଏବଂ ଅସ୍ତ୍ରଚାଳନା ମଧ୍ୟ କରିଥିଲେ। ପିତାଙ୍କ ଅନ୍ତେ ରାଜ୍ୟ ଶାସନ ଗ୍ରହଣ କରିଥିଲେ ଏବଂ ସେ ଜଣେ ପ୍ରତାପୀ ରାଜା ଥିଲେ। ତାଙ୍କର ପ୍ରମୁଖ ରାଣୀ ଥିଲେ ନାଗରାଜ କୁମୁଦଙ୍କ କନ୍ୟା ମହାରାଣୀ ମାଧବୀ। ମାଧବୀଙ୍କ ସହିତ ବିବାହ ପରେ ମହାରାଜଙ୍କ ଶକ୍ତି ଦ୍ୱିଗୁଣିତ ହୋଇଥିଲା। ମହାରାଜ ଶ୍ରୀ ଅଗ୍ରସେନ ଜଣେ ଭବିଷ୍ୟଦର୍ଶୀ ଥିଲେ, ଏଣୁ ଭବିଷ୍ୟତର ବିକଟ ପରିସ୍ଥିତିକୁ ଜାଣିପାରି ରାଜ୍ୟବାସୀଙ୍କୁ ସମତା, ଅହିଂସା ଏବଂ ଗଣରାଜ୍ୟର ମୂଳମନ୍ତ୍ର ପ୍ରଦାନ କରିଥିଲେ। ହଜାର ହଜାର ବର୍ଷ ପୂର୍ବେ ପ୍ରଦାନ କରିଥିବା ଶିକ୍ଷା ଆଜି ମଧ୍ୟ ସେତେ ମହତ୍ୱପୂର୍ଣ୍ଣ ଅଟେ, ଯାହା ସେହି ସମୟରେ ରହିଥିଲା। ସମତାର ସଂଦେଶ ରୂପେ 'ଗୋଟିଏ ଇଟା ଓ ଗୋଟିଏ ମୁଦ୍ରା'ର ମନ୍ତ୍ର ପ୍ରଦାନ କରିଥିଲେ। ଅଗ୍ରୋହା ରାଜ୍ୟରେ ଲକ୍ଷାଧିକ ପରିବାର ବାସ କରୁଥିଲେ। ଅନୁମତିକ୍ରମେ ଯଦି କୌଣସି ବାହାରର ଲୋକ ରାଜ୍ୟ ମଧ୍ୟକୁ ଆସେ କିମ୍ବା କୌଣସି କାରଣରୁ ଗରିବ ହୋଇଯାଏ, ତେବେ ପ୍ରତି ପରିବାର ପକ୍ଷରୁ ଉକ୍ତ ଆଗନ୍ତୁକଙ୍କୁ ଗୋଟିଏ ଲେଖାଁଏ ଇଟା ଏବଂ ଗୋଟିଏ ଲେଖାଁଏ ମୁଦ୍ରା ପ୍ରଦାନ କରାଯାଉଥିଲା। ଫଳସ୍ୱରୂପ ସେ ପାଇଥିବା ଏକଲକ୍ଷ ଇଟା ଦ୍ୱାରା ନିଜର ବାସଗୃହ ନିର୍ମାଣ କରିବା ସହ ଏକଲକ୍ଷ ମୁଦ୍ରାରେ ନିଜର ବ୍ୟବସାୟ କରୁଥିଲା। ଅଗ୍ରୋହା ରାଜ୍ୟରେ ଏହି ମନ୍ତ୍ରର ପ୍ରଭାବରେ କୌଣସି



ବ୍ୟକ୍ତି ଗରିବ ନ ଥିଲେ ଏବଂ ଧନୀ ଗରିବ ମଧ୍ୟରେ ପାର୍ଥକ୍ୟ ମଧ୍ୟ ନ ଥିଲା। ତାଙ୍କର ପ୍ରେରଣା ଦ୍ୱାରା ହିଁ ଆଜି ତାଙ୍କର ବଂଶଜ (ଅଗ୍ରୱାଲା ) ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛନ୍ତି।

ମହାରାଜ ଅଗ୍ରସେନ କେବଳ ଯେ ଏକ ରାଜ୍ୟ ପ୍ରତିଷ୍ଠା କରିଥିଲେ ତାହା ନୁହେଁ, ତାଙ୍କ ରାଜ୍ୟ ବିଭବଶାଳି, ଶକ୍ତିଶାଳୀ ଏବଂ ସୁସଜ୍ଜିତ ରହିଥିଲା। ନିଜ ରାଜ୍ୟରେ ଗଣତନ୍ତ୍ର ପ୍ରଣାଳିର ସ୍ଥାପନା କରିଥିଲେ। ରାଜତନ୍ତ୍ର ଶାସନ ରହିଥିଲେ ମଧ ରାଜ୍ୟକୁ ୧୮ଟି ଗଣରାଜ୍ୟ (ପ୍ରଦେଶ) ରୂପେ ପ୍ରତିଷ୍ଠା ସହିତ ଗଣତାନ୍ତ୍ରିକ ଶାସନ ପ୍ରଣାଳୀ ସହିତ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଚଳନ କରିଥିଲେ। ତାଙ୍କର ମୂଳମନ୍ତ୍ର ଥିଲା- ପରିଶ୍ରମ ଏବଂ ଉଦ୍ୟୋଗ ମାଧ୍ୟମରେ ଅର୍ଥ ଉପାର୍ଜନ ଏବଂ ତାହାର ସୁଷମ ଓ ସମାନ ବିତରଣ। ଆଜି ସୁଦ୍ଧା ଅଗ୍ରୱାଲା ସମାଜ କଠିନ ପରିଶ୍ରମ କରି ଅର୍ଥ ଉପାର୍ଜନ କରୁଥିଲେ ମଧ କଠିନ ପରିଶ୍ରମ ମାଧ୍ୟମରେ ଅର୍ଜିତ ଅର୍ଥର ଅନେକ ଅଂଶ ଜନହିତ କାର୍ଯ୍ୟରେ ବିନିଯୋଗ କରିଥା'ନ୍ତି। ସମାଜ ଦ୍ୱାରା ନିର୍ମିତ ସ୍କୁଲ, କଲେଜ, ଧର୍ମଶାଳା, ମଠ, ମନ୍ଦିର, କୂପ, ପୋଖରୀ ଏବଂ ଡାକ୍ତରଖାନାଗୁଡିକ ଏହାର ଉଦାହରଣ ଅଟେ।




ସେହି ସମୟରେ ରାଜା ମହାରାଜାମାନେ ଧର୍ମ ଅର୍ଜନ ନିମନ୍ତେ ବଡ ବଡ ଯଜ୍ଞମାନ ଆୟୋଜନ କରୁଥିଲେ। ମହାରାଜ ଅଗ୍ରସେନ ମଧ୍ୟ ମାନବ କଲ୍ୟାଣ ହେତୁ ୧୮ଟି ଯଜ୍ଞର ଆୟୋଜନ କରିଥିଲେ। ୧୭ଟି ଯଜ୍ଞ ସଂପୂର୍ଣ୍ଣ ବିଧି- ବିଧାନ ସମାପ୍ତ ହେବାପରେ ୧୮ତମ ଯଜ୍ଞର ଶେଷ ପର୍ଯ୍ୟାୟରେ ମହାରାଜାଙ୍କର ଜ୍ଞାନୋଦୟ ହୋଇଥିଲା ଏବଂ ମୂକ ଓ ନିରୀହ ପଶୁମାନଙ୍କର ହତ୍ୟା କରାଯିବା ଅନୁଚିତ ଅନୁଭବ କରି ବଂଶଜ ଏବଂ ରାଜ୍ୟବାସୀଙ୍କୁ ଜୀବହତ୍ୟା ବନ୍ଦ କରିବା ସହ ଅଂହିସାର ମନ୍ତ୍ର ପ୍ରଦାନ କରିଥିଲେ। ମହାରାଜଙ୍କ ବିଚାରଧାରାର ପ୍ରଭାବରେ ହିଁ ଆଜି ଅଗ୍ରୱାଲା ସମାଜ ଶାକାହାରୀ, ଅଂହିସାବାଦୀ ଏବଂ ଧର୍ମପରାୟଣ ଜାତି ରୂପେ ପ୍ରତିଷ୍ଠା ଲାଭ କରିଛି।

ଅଗ୍ରୋହା (ଅଗ୍ରେୟ) ଉପରେ ବାରମ୍ବାର ବିଦେଶୀ ଆକ୍ରମଣ ହେବା ଦ୍ୱାରା ସମୟକ୍ରମେ ରାଜ୍ୟଟି ଧ୍ୱଂସ ପାଇଥିଲା। ଅନ୍ୟ ଏକ ମତରେ ଗୋଟିଏ ରାତ୍ରିରେ ପ୍ରଳୟ ଆସିବା ଦ୍ୱାରା ରାଜ୍ୟର ରାଜଧାନୀ ସଂପୁର୍ଣ୍ଣ ରୂପେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ନଗରୀ ଧ୍ୱଂସ ହେବାପରେ ଏଠାକାର ବାସିନ୍ଦା ହରିଆନା, ରାଜସ୍ଥାନ ଏବଂ ଦିଲ୍ଲୀର ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲେ। ଏହାବ୍ୟତିତ ଅନେକ ସଂଖ୍ୟାରେ ଅଗ୍ରୱାଲାମାନେ ଭାରତର ବିଭିନ୍ନ ପ୍ରାନ୍ତକୁ ଯାଇ ସେଠାକାର ସ୍ଥାୟୀ ବାସିନ୍ଦା ହୋଇଗଲେ। ନିଜର ଜୀବିକା ନିର୍ବାହ ପାଇଁ ବ୍ୟାପାର ବଣିଜରେ ମନୋନିବେଶ କଲେ। ମାତ୍ର ମହାରାଜ ଅଗ୍ରସେନଙ୍କ ବଂଶଜମାନେ କେବଳ ବ୍ୟାପାର ବଣିଜ ମଧ୍ୟରେ ନିଜକୁ ସୀମିତ ନ ରଖି ରାଜନୀତି, ପ୍ରଶାସନ, ନ୍ୟାୟପାଳିକା, ସାହିତ୍ୟ, ଦେଶ ସୁରକ୍ଷା ତଥା ଅନ୍ୟାନ୍ୟ କ୍ଷେତ୍ରରେ ନିଜର ବଳିଷ୍ଠ ଏବଂ ସମର୍ପିତ ସହଯୋଗ ଏବଂ କର୍ମ ଦ୍ୱାରା ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ରାଜନୀତି କ୍ଷେତ୍ରରେ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଲକ୍ଷ୍ୟକଲେ ଜଣାଯାଏ, ଲାଲା ଲଜପତ ରାୟ, ଜମୁନାଲାଲ ବଜାଜ, ଶ୍ରୀ ପ୍ରକାଶ, ମନ୍ନାରାୟଣ, ଡାଃ ରାମମନୋହର ଲୋହିୟା, ଡାଃ ରଘୁବୀର, ଲାଲା ହରଦେବ ସହାୟ, ଚନ୍ଦ୍ରଭାନୁ ଗୁପ୍ତା, ବନାରସୀ ଦାସ ଗୁପ୍ତା ନିଜକୁ ସର୍ମପିତ କରିବା ସହିତ ଗାନ୍ଧିଜୀଙ୍କ ପାଖରେ ନିଜ ନିଜର ଧନ ସଂପତି ସର୍ମପିତ କରି ଦେଇଥିଲେ। ସେଥିପାଇଁ ଜମୁନାଲାଲ ବଜାଜଙ୍କୁ ଗାନ୍ଧିଜୀ ନିଜର ତୃତୀୟ ପୁତ୍ର ରୂପେ ମାନ୍ୟତା ପ୍ରଦାନ କରିଥିଲେ। ବଙ୍ଗାଳର ପ୍ରମୁଖ ଅଧିକାରୀ ଶ୍ରୀ ଏ.ଏଚ. ଗଜନବୀ ତା୨୭.୮.୧୯୩୦ରେ ଭାୟସରାୟଙ୍କ ପ୍ରତିନିଧି ଶ୍ରୀ କନିଘଂମଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଥିଲେ ଯେ, ଯଦି ମହାତ୍ମାଗାନ୍ଧୀଙ୍କ ଆନ୍ଦୋଳନରୁ ମାରୱାଡିମାନଙ୍କୁ ଅଲଗା କରିଦିଆଯାଏ ଏବଂ ବଙ୍ଗଳାର ଆନ୍ଦୋଳନ କେବଳ ବଂଗବାସୀଙ୍କ ହାତରେ ଛାଡି ଦିଆଯାଏ, ତେବେ ୯୦ ଭାଗ ଆନ୍ଦୋଳନ ସ୍ୱୟଂସମାପ୍ତ ହୋଇଯିବ। ଏହି ଉକ୍ତି ହିଁ ମାରୱାଡି ସମାଜ ଦ୍ୱାରା ସ୍ୱାଧୀନତା ସଂଗ୍ରାମ ପ୍ରତି ଦିଆଯାଇଥିବା ପ୍ରଭାବଶାଳୀ ସହଯୋଗକୁ ସୂଚାଇଥାଏ। ସ୍ୱାଧୀନତା ସଂଗ୍ରାମ ଅବସରରେ ଶହ ଶହ ଅଗ୍ରବଂଶଜମାନେ କାରାବରଣ କରିବା ସହ ହସିହସି ଫାଶିଖୁଣ୍ଟରେ ଝୁଲିଯାଇଥିଲେ। ସାହିତ୍ୟ କ୍ଷେତ୍ରରେ ଗୀତା ପ୍ରେସର



ପ୍ରତିଷ୍ଠାତା ହନୁମାନ ପ୍ରସାଦ ପୋଦାର, ଭାରତେନ୍ଦୁ ହରିଶ୍ଚନ୍ଦ୍ର, ଭାରତ-ଭାରତୀର ରଚୟିତା ରାଷ୍ଟ୍ରକବୀ ମୈଥିଳି ଶରଣ ଗୁପ୍ତା, ଡାଃ ବାସୁଦେବ ଶରଣ ଅଗ୍ରୱାଲା ଏବଂ କାକା ହାଥରସୀ ପ୍ରମୁଖ ଅଟନ୍ତି। ଦେଶର ବ୍ୟବସାୟ ଏବଂ ଉଦ୍ୟୋଗ କ୍ଷେତ୍ରରେ ମୋଦି, ସିଂହାନିଆ, ପୋଦାର, ବଜାଜ, ଡାଲମିଆ, ଲୋହିୟା, ମୁରାରକା, ଝୁନଝୁନୱାଲା, ପରସରାମପୁରିଆ, ଗୋୟନକା, କାନୋଡିଆ, ଶ୍ରୀରାମ ପ୍ରମୁଖ ଅଟନ୍ତି। ସେହିପରି ଦେଶର ସୁରକ୍ଷା, ପ୍ରଶାସନ ଏବଂ ନ୍ୟାୟପାଳିକାରେ ଅଗ୍ରବଂଶଜଙ୍କ ସର୍ମପିତ ସେବା ରହିଛି। ବ୍ୟାପାର ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଅର୍ଜିତ ଧନକୁ ସଦୁପଯୋଗ କରିବା ସହିତ ଜନହିତ କଲ୍ୟାଣକାରୀ ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ କରିବାର ପ୍ରେରଣା ଦେଇଥିବା ମହାପୁରୁଷ ହେଲେ ମହାରାଜ ଶ୍ରୀ ଅଗ୍ରସେନ।

*-ଜିଲା ପ୍ରତିନିଧି, ପ୍ରସାର ଭାରତୀ, ବୌଦ୍ଧ-୭୬୨୦୧୪, ମୋବାଇଲ- ୯୯୩୭୦୬୦୧୯୬*

# ପିତୃପୁରୁଷଙ୍କ ଶ୍ରାଦ୍ଧ ମହାଳୟା



ଶ୍ରଦ୍ଧାରୁ "ଶ୍ରାଦ୍ଧର" ଉତ୍ପତ୍ତି। କେବଳ ସେତିକି ନୁହଁ, ଗୀତାରେ କୁହାଯାଇଛି–"ଶ୍ରଦ୍ଧାବାନ ଲଭତେ ଜ୍ଞାନମ୍"। ଯେଉଁ ବ୍ୟକ୍ତି କୌଣସି କାର୍ଯ୍ୟକୁ ଶ୍ରଦ୍ଧାର ସହିତ କରିଥାଏ, ସେ ଜ୍ଞାନ ଲାଭ କରିଥାଏ। ବିଶ୍ୱର କୋଣ ଅନୁକୋଣରେ ଥିବା ପ୍ରତ୍ୟେକ ହିନ୍ଦୁ ନିଜର ପିତୃପୁରୁଷ ତୃପ୍ତିପାଇଁ ଶ୍ରାଦ୍ଧ ଓ ତର୍ପଣାଦି କରିଥାନ୍ତି। ପିତୃପକ୍ଷୀୟ ଶ୍ରାଦ୍ଧ ଓ ମହାଳୟା ଶ୍ରାଦ୍ଧର ଅର୍ଥ ଏକ ଅଟେ। ଏକ ନୈଷ୍ଠିକ ହିନ୍ଦୁ ଗୃହସ୍ଥଙ୍କ ପକ୍ଷରେ ଏହି ମହାଳୟା ଶ୍ରାଦ୍ଧ ଏକ ମହତ୍ତ୍ୱପୂର୍ଣ୍ଣ ଦିବସ ଅଟେ। ପ୍ରଥମେ ବିଚ୍ଚର କରିବା, ହିନ୍ଦୁ ଆମେ କାହାକୁ କହିବା ? ପ୍ରତ୍ୟେକ ହୀନକାର୍ଯ୍ୟରୁ ଯିଏ ନିଜକୁ ଦୂରରେ ରଖେ ସେ ପ୍ରକୃତ ହିନ୍ଦୁ ପଦବାଚ୍ୟ। ଏହି ପର୍ବ ଓ ପରମ୍ପରା ବିଶ୍ୱାସ ଉପରେ ପ୍ରତିଷ୍ଠିତ। ଆଶ୍ୱିନ କୃଷ୍ଣପକ୍ଷ ବା କନ୍ୟାରେ ସୂର୍ଯ୍ୟ ପ୍ରବେଶ କଲେ ପିତୃପୂଜା (ଶ୍ରାଦ୍ଧ ଓ ତର୍ପଣ) କରିବା ପରମ ଆବଶ୍ୟକ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି। "ନିର୍ଣ୍ଣୟସିନ୍ଧୁ" ମତାନୁସାରେ "ଆଶ୍ୱଯୁକ କୃଷ୍ଣପକ୍ଷେତୁ ଶ୍ରାଦ୍ଧଂ କାର୍ଯ୍ୟଂ ଦିନେ ଦିନେ"। ଜ୍ୟୋତିଷଶାସ୍ତ୍ରନୁସାରେ ସୂର୍ଯ୍ୟ ପକ୍ଷର ଆଦି ମଧ୍ୟ ଓ ଅନ୍ତ୍ୟରେ ଯେଉଁଦିନ କନ୍ୟା ରାଶିକୁ ପ୍ରବେଶ କରନ୍ତି, ଆଶ୍ୱିନର ସେହି କୃଷ୍ଣପକ୍ଷ ପିତୃପୁରୁଷ ପୂଜାର୍ଚ୍ଚନା ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ। ମନୁଙ୍କ ଉକ୍ତି ଅନୁସାରେ:-

*"ଆଦୌମଧ୍ୟେଽବସାନେ ବା ଯତ୍ର କନ୍ୟାଂ ବ୍ରଜେଦ୍ ରବିଃ*
*ସପକ୍ଷଃ ସକଳଃ ଶ୍ରେଷ୍ଠଃ ଶ୍ରାଦ୍ଧ ଷୋଡଶଙ୍କଂ ପ୍ରତି"*

ଏହି ସମୟରେ ସମସ୍ତ ପିତୃଲୋକଙ୍କୁ ଯମଲୋକ (ପ୍ରେତପୁର)ରୁ ଛାଡଦିଆଯାଏ, ଯଥା:-

"ପ୍ରବୃଦନ୍ତେ ଯମଃ ପ୍ରେତାନ୍ ପିତ୍ୟଂଶ୍ଚାଥ ଯମାଳୟାତ
ବିସର୍ଜୟତି ଭୂର୍ଲୋକ କୃତ୍ୱା ଶୂନ୍ୟଂ ସ୍ୱକଂ ପୁରମ୍
ଯାବତ୍ କନ୍ୟା ତୁଳୟୋଃ କ୍ରମଦାସ୍ତେ ଦିବାକରଃ
ଶୂନ୍ୟଂ ପ୍ରେତପୁରଂ ତାବଦ୍ ବୃଶ୍ଚିକେ ଯାବଦାଗତଃ" **(ଶ୍ରାଦ୍ଧ ଚନ୍ଦ୍ରିକା)**

ପ୍ରତ୍ୟେକ ପିତୃପୁରୁଷ ନିଜ ନିଜ ଅଧିକାର ଥିବା ଦ୍ୱାରଦେଶକୁ ବାୟୁ ରୂପରେ ଆସି ମଧ୍ୟ, ପାୟସ, ଘୃତ ଏବଂ ପୂଷ୍ପାଦି ମିଷ୍ଟାନ୍ ପାନାକାଂକ୍ଷାରେ ଦଣ୍ଡାୟମାନ ହୁଅନ୍ତି। "ତେ ପୁତ୍ରାଦେଃ ପ୍ରକାଂକ୍ଷତି ପାୟସଂ ମଧୁସଂଯୁତମ୍"। ଯଦି ଏହି ମହାଳୟା ଦିନରେ ପିତୃଲୋକ ନିଜର ପରିବାରରୁ ନିରାଶ ହୋଇ ଫେରନ୍ତି, ତେବେ ସେମାନେ ଦୁଃଖରେ ଗୃହସ୍ୱାମୀଙ୍କୁ କଠୋର ଶାପ ଦେଇ ପୁନର୍ବାର ନିଜ ଲୋକକୁ ପ୍ରତ୍ୟାବର୍ତ୍ତନ କରନ୍ତି। କାଷ୍ଣାଜିନିକା ଉକ୍ତି ଅନୁସାରେ:-

*"ଅମାବାସ୍ୟା ଦିନେପ୍ରାପ୍ତେ ଗୃହଦ୍ୱାରଂ ସମାଶ୍ରିତାଃ*
*ଶ୍ରାଦ୍ଧାଭାବେ ସ୍ୱଭବନଂ ଶାପଂ ଦତ୍ତ୍ୱାବ୍ରଜନ୍ତିତେ।"*

କର୍ମ ପୁରାଣରେ ମଧ ଲେଖାଅଛି ଯେ:-

*"ଅମାବାସ୍ୟା ଦିନେ ପ୍ରାପ୍ତେ ଗୃହଦ୍ୱାରେ ସମାଶ୍ରିତାଃ*
*ବାୟୁଭୂତା ପ୍ରପଶ୍ରନ୍ତି ଶ୍ରାଦ୍ଧଂ ବୈପିତରୋ ନୃଣାମ୍ ॥*
*ଯାବଦସ୍ତ ମନଂ ଭାନୋଃ କ୍ଷୁତ୍ପିପାସା ସମାକୁଳାଃ*
*ତତ୍‌ଷ୍ଟାସ୍ତଂ ଗତେ ଭାନୌ ନିରାଶା ଦୁଃଖ ସଂଯୁତାଃ*
*ନିଶ୍ୱଶ୍ୱସ୍ୟ ସୁଚିରଂଯାନ୍ତି ଗର୍ହୟନ୍ତଃ ଦ୍ୱବଂଶଜମ୍" ॥*

ପିତୃଗଣ ଶ୍ରାଦ୍ଧପାଇଁ ଅପେକ୍ଷାକରି ଶେଷରେ ନିରାଶ ହୋଇ ନିଜର ବଂଶକୁ ନିନ୍ଦା କରି ଯେପରି ଫେରିଯାନ୍ତି, ସେହିପରି ମଧ ପିତୃଗଣ ଶ୍ରାଦ୍ଧ କରିବା ଲୋକଙ୍କୁ ତଥା ତା' ପରିବାକୁ(ପୁତ୍ର-କୁଟୁମ୍ବାଦିକୁ) ଶ୍ରଦ୍ଧାରେ ମନୋବାଞ୍ଛିତ ଫଳ ପ୍ରଦାନ କରି ସୁଖୀ କରାଇଥାନ୍ତି। ହିମାଦ୍ରିଙ୍କ ଉକ୍ତି ପ୍ରକାରେ–

*"ଆୟୁଃ ପୁତ୍ରାନ୍ ଯଶଃ ସ୍ୱର୍ଗଂ କୀର୍ତ୍ତି ପୁଷ୍ଟିଂ ବଳଂ ଶ୍ରିୟମ୍*
*ପଶ୍ୱନ୍ ସୁଖଂ ଧନଂ ଧାନ୍ୟଂ ପ୍ରାପ୍ନୁୟାତ୍ ପିତ୍ୟ ପୂଜନାତ୍" ॥*

ଏହି ଦୃଷ୍ଟିରୁ ମହାଳୟ ଶ୍ରାଦ୍ଧକୁ "ନିତ୍ୟ ଓ କାମ୍ୟ" ବୋଲି କୁହାଯାଇଥାଏ। ପିତୃପକ୍ଷ ପନ୍ଦର ଦିନ କୁହାଯାଇଥିଲେ ମଧ ଭାଦ୍ରପଦ ପୂର୍ଣ୍ଣିମାକୁ ମିଶାଇ ଆଶ୍ୱିନ କୃଷ୍ଣପକ୍ଷକୁ ମହାଳୟା ପକ୍ଷ ଷୋଡ଼ଶ ଦିନାତ୍ମକ ବୋଲି କୁହାଯାଇଛି। ଏହି ଷୋହଳ ଦିନ ଯାକ ପ୍ରତ୍ୟେକ ହିନ୍ଦୁ ପରିବାର ମହାଳୟା ଶ୍ରାଦ୍ଧ କରିବା ବିଧେୟ। ଯେଉଁମାନେ ଅସମର୍ଥ ସେମାନେ ଅତ୍ୟନ୍ତପକ୍ଷେ ଅଷ୍ଟମୀଠାରୁ ଆଠଦିନ, ଅଥବା ଏକଦଶୀଠାରୁ ପାଞ୍ଚଦିନ ମହାଳୟା ଶ୍ରାଦ୍ଧ କରିବା ପାଇଁ ଶାସ୍ତ୍ର ସମ୍ମତ ଅଛି ଯଥା:-

*"ଆଶ୍ୱଯୁକ୍ କୃଷ୍ଣପକ୍ଷେତୁ ଶ୍ରାଦ୍ଧଂ କୁର୍ଯ୍ୟା ଦିନେ ଦିନେ*
*ତ୍ରିଭାଗ ହୀନଂ ପକ୍ଷବା ତ୍ରିଭାଗଂ ତ୍ୱର୍ଦ୍ଧମେବବା" ॥*

ଯେଉଁ ବ୍ୟକ୍ତି ଉପରୋକ୍ତ କାର୍ଯ୍ୟ କରିବା ପାଇଁ ମଧ ଅସମର୍ଥ ତେବେ ସେ ନିଜ ପିତାଙ୍କର ମରଣତିଥିରେ ଅଥବା ପିତୃପକ୍ଷରେ କୌଣସି ଗୋଟିଏ ଦିନ ନିତ୍ୟାନ୍ତ ପକ୍ଷେ ଶ୍ରାଦ୍ଧ କରିବା କଥା। ଏହିପରି ଗୋଟିଏ ଦିନ ମହାଳୟା ଶ୍ରାଦ୍ଧକୁ "ସକୃନ୍ମହାଳୟା ଶ୍ରାଦ୍ଧ" କହନ୍ତି। ଯେଉଁବ୍ୟକ୍ତି ଏହି ଗୋଟିଏ ଦିନ ମଧ ନିଜ ପିତୃ ପୁରୁଷ ପାଇଁ କରିନଥାଏ ସେ ଜୀବନ ବ୍ୟାପି ଦୁଃଖ ଭୋଗ କରେ। ଗାର୍ମ୍ୟ ମୁନିଙ୍କ ଅନୁସାରେ:-

*"ଶ୍ରାଦ୍ଧଂ ନକୁରୁତେ ତତ୍ର ତସ୍ୟରକ୍ତଂ ପିବନ୍ତି ତେ*
*ସୂର୍ଯେ କନ୍ୟା ଗତେ ଶ୍ରାଦ୍ଧଂ ଯୋନ କୁର୍ଯ୍ୟାଦ୍ ଗୃହାଶ୍ରମଂ*
*ଧନପୁତ୍ରାଃ କୁତସ୍ତସ୍ୟ ପିତୃ ନିଶ୍ୱାସ ପୀଡ଼ୟା" ॥*

ଦୁଃଖ ଓ ପରିତାପର ବିଷୟ ଆଜି ଏକ ବିଂଶ ଶତାବ୍ଦୀରେ ଯନ୍ତ୍ରବିତ ମଣିଷ ହିନ୍ଦୁ ସଂସ୍କୃତିର ଐତିହ୍ୟ, ପରମ୍ପରା, ଧର୍ମ ଧାରାକୁ ଭୂଲିଯାଇ ଏହାକୁ ମାହଳିଆ ବୋଲି ମନ୍ତବ୍ୟ ପ୍ରଦାନ କରନ୍ତି। ଏହିଭଳି ବ୍ୟକ୍ତି ବିଶେଷ ଭୂଲି ଯାଇଛନ୍ତି "As you Sow, Show you Reap" ଯେଭଳି ବୁଣିବ ସେଭଳି ପାଇବ। ସେହିଭଳି ପରିବାର ପିତୃପୁରୁଷଙ୍କ ଶାପର ଭାଗିଦାରୀ ହୋଇ ନାନା କଷ୍ଟର ସମ୍ମୁଖୀନ ହୋଇଥାନ୍ତି। ଏହି ମହାଳୟାରେ ମୃତ୍ୟୁବରଣ କରିଥିବା ଆତ୍ମୀୟମାନେ ମଧ ଭାଗୀ ହୁଅନ୍ତି; ଯଥା ପିତା, ପିତାମହ, ପ୍ରପିତାମହ, ମାତା, ପିତାମହୀ, ପ୍ରମାତାମହ, ବିମାତା, ପିତୃଭ୍ରାତା, ଜନନୀ, ଭଗିନୀ, ଶାଶୁ, ଶ୍ୱଶୁର, ଗୁରୁଶିଷ୍ୟ ଏବଂ ଆଶ୍ରିତ ଦାସାଦି ସମସ୍ତେ ମହାଳୟା ଶ୍ରାଦ୍ଧରେ ତୃପ୍ତି ଲାଭ କରିଥାନ୍ତି। ଅର୍ଥାତ୍ ଏ ସମସ୍ତଙ୍କର ଶ୍ରାଦ୍ଧରେ ଅଧିକାର ଥାଏ। ତେଣୁ ପ୍ରତ୍ୟେକ ହିନ୍ଦୁ ପରିବାର ଶ୍ରାଦ୍ଧ ପ୍ରଦାନ କରି ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରିବା ବିଧେୟ। "ନବ ଦୈବତ୍ୟ ପାର୍ବଣ" ଏବଂ ଅନ୍ୟ ସମସ୍ତଙ୍କର "ଏକୋଦ୍ଦିଷ୍ଟ" ଏହି ମହାଳୟା ଶ୍ରାଦ୍ଧର ସ୍ୱରୂପ ଅଟେ। ତେଣୁ ଶିକ୍ଷିତ ସମାଜ ନିଜକୁ ଶିକ୍ଷିତ କରିଥିଲେ ମଧ ଶାସ୍ତ୍ର ମୋଦିତ ପରମ୍ପରାକୁ ଅଣଦେଖା ନକରି ପୂର୍ଣ୍ଣ ଶ୍ରଦ୍ଧା ଏବଂ ଦୃଢ଼ ବିଶ୍ୱାସ ସହ ମହାଳୟା ଶ୍ରାଦ୍ଧ କଲେ, ନିଜର ସମସ୍ତ କାମନା ଫଳପ୍ରଦ ହୋଇଥାଏ।

**ଉମାଶଙ୍କର ପ୍ରସାଦ,** ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ଖୋର୍ଦ୍ଧା

# ପିତୃପକ୍ଷ: ମହାଳୟା



ପିତାମାତାଙ୍କ ଋଣ ଜନ୍ମ ଜନ୍ମାନ୍ତର ନେଇ ଚେଷ୍ଟାକଲେ ବି ଶୁଝା ପଡ଼େ ନାହିଁ। ତଥାପି ପୁତ୍ର ସେମାନଙ୍କ ଜୀବଦ୍ଦଶାରେ ବାର୍ଦ୍ଧକ୍ୟରେ ସେମାନଙ୍କୁ ସେବା ଓ ସହାୟତା ଦିଏ ଏବଂ ସେମାନଙ୍କ ମୃତ୍ୟୁ ପରେ ପରାଗତ ଆତ୍ମାର ସଦ୍‌ଗତି ନିମନ୍ତେ ଶୁଦ୍ଧ, ଶ୍ରାଦ୍ଧ ଓ ତର୍ପଣ ଇତ୍ୟାଦି କାର୍ଯ୍ୟକରେ। ଏ ସବୁର ମୂଳରେ ଅଛି ସେମାନଙ୍କ ମୋକ୍ଷ ନିମନ୍ତେ ପିଣ୍ଡଦାନ ଦେବା। ଏମିତି କହିଲେ ପିତୃ ଲୋକାଗତ ଆତ୍ମାର ଉର୍ଦ୍ଧ୍ୱଗତି ବା ସଦ୍‌ଗତି ଲାଭ କରିବା ନିମନ୍ତେ ଶ୍ରାଦ୍ଧ ଓ ତର୍ପଣର କର୍ମ କରାଯାଏ। ଏ ପ୍ରକାର ଶ୍ରାଦ୍ଧ ତାଙ୍କ ମୃତ୍ୟୁ ଦିବସରେ କରାଯାଇଥାଏ ଅଥଚ ମହାଳୟା ଶ୍ରାଦ୍ଧ ପିତୃପକ୍ଷରେ କରାଯାଇଥାଏ। ପିତୃପକ୍ଷ କହିଲେ ଆଶ୍ୱିନ କୃଷ୍ଣ ପ୍ରତିପଦା ଠାରୁ ଅମାବାସ୍ୟା ଯାଏଁ ଦିବସକୁ ବୁଝାଏ। ଏହି ଦିନଗୁଡ଼ିକରେ ପିତୃଗଣଙ୍କ ତୃପ୍ତି ବିଧାନାର୍ଥେ ନିତ୍ୟ ତିଳାଞ୍ଜଳି ଅର୍ପଣ କରାଯାଏ। ଏଭିତରୁ ଯେ କୌଣସି ଦିନ ବିନା ତିଥି ନକ୍ଷତ୍ରରେ ପିତୃପକ୍ଷ ଶ୍ରାଦ୍ଧ ଦିଆଯାଇପାରିବ।

ଆଶ୍ୱିନ କୃଷ୍ଣପକ୍ଷ ହେଉଛି ପିତୃପକ୍ଷ; କିନ୍ତୁ ଅମାବାସ୍ୟା ହେଉଛି ପିତୃତିଥି। ଏହି ଦିନକୁ ପିତୃଗଣଙ୍କ ତିଥି ମହାଳୟ ବୋଲି କୁହାଯାଏ। ଏହି ଦିବସରେ ପୁତ୍ର ପୂର୍ବବର୍ତ୍ତୀ ତିନିପୁରୁଷଙ୍କୁ ଶ୍ରାଦ୍ଧବାଢ଼େ। ପିତା, ପିତାମହ ଓ ପ୍ରପିତାମହ ନିଜ କୂଳର ତିନିପୁରୁଷ; ମାତା, ମାତାମହୀ ଓ ପ୍ରପିତାମହୀ ଏମିତି ମାତୁଳ କୁଳର ତିନି ପରୁଷ ସହିତ ଏକ ଲୁପ୍ତ ପୁରୁଷଙ୍କୁ ଦିଏ। ମଉଳାକୁଳର ସଂପୃକ୍ତ ହେତୁ ମହାଳୟା ଶ୍ରାଦ୍ଧକୁ ମଉଳାଶ୍ରାଦ୍ଧ ମଧ୍ୟ କୁହାଯାଏ। ମୃତ୍ୟୁ ଲୋକରେ ଥାଇ ପୂର୍ବ ପୁରୁଷମାନେ ମହାଳୟା ବା ପିତୃପକ୍ଷରେ ପିଣ୍ଡପାଇଁ ଅପେକ୍ଷା କରିଥାନ୍ତି। ଯଦି ପିଣ୍ଡ ଦିଆନଯାଏ, ସେମାନେ ନିରାଶ ହୋଇ ଫେରିଯାଆନ୍ତି। ଅମାବାସ୍ୟା ଦିନ ଶ୍ରାଦ୍ଧଟି ଅତି ପବିତ୍ର। ଏହିଦିନ ସମସ୍ତ ବ୍ୟକ୍ତି ଏବଂ ଜାତି ଶ୍ରାଦ୍ଧ ଦେଇପାରିବେ।

ସାଧାରଣତଃ ଏହି ଶ୍ରାଦ୍ଧ ନିଜର ବାସଗୃହ, ତୀର୍ଥନଦୀ, ପୁଷ୍କରିଣୀ, ସମୁଦ୍ରକୂଳ, ତୁଳସୀ ମୂଳ, ଗୟା, ବଦ୍ରିନାଥ, ବ୍ରହ୍ମକୁଣ୍ଡଳ, ଆମ ଓଡ଼ିଶାର ବିନ୍ଦୁସାଗର, ବୈତରଣୀ କୂଳ ଏବଂ ସର୍ବୋପରି ଶ୍ରୀ ମନ୍ଦିରରେ ଦିଆଯାଇପାରେ।

ପିଣ୍ଡରେ ମହାପ୍ରସାଦ, ପାକାନ୍ନ ବା ଆମାନ୍ନ ବଢ଼ା ଯାଇପାରେ। କେବଳ ପିତୃପୁରୁଷ ଉଦ୍ଦେଶ୍ୟରେ ପିଣ୍ଡଦାନ ଓ ତର୍ପଣ କରାଯାଏ ନାହିଁ। ବିଶ୍ୱଦେବ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଋଷିଗଣ, ବେଦ, ଛନ୍ଦ ଇତ୍ୟାଦି ତୃପ୍ତିବିଧାନ ପାଇଁ ମଧ୍ୟ ଜଳତିଳ ତର୍ପଣ କରାଯାଏ।

ଦକ୍ଷିଣ ହସ୍ତର ତର୍ଜନୀ ବା ବୃଦ୍ଧାଙ୍ଗୁଳି ମଧ୍ୟରେ ଥିବା ସ୍ଥାନ ପିତୃତୀର୍ଥ ନାମରେ ପରିଚିତ। ଏଣୁ ଶ୍ରାଦ୍ଧ ସମୟରେ ସେହି ମୁଦ୍ରାରେ ପିଣ୍ଡ ଅର୍ପଣ କରାଯଏ। ଶ୍ରାଦ୍ଧ ଜ୍ୟେଷ୍ଠପୁତ୍ର ଦେବା ବିଧେୟ କିମ୍ବା ଜ୍ୟେଷ୍ଠବ୍ୟକ୍ତି ବି ହୋଇପାରନ୍ତି।

ପିତାମାତାଙ୍କୁ ପିଣ୍ଡଦାନ ଓ ତର୍ପଣ ଦ୍ୱାର ସେମାନଙ୍କର ସ୍ୱର୍ଗବାସ ହୁଏ ବୋଲି ବିଶ୍ୱାସ। ପୁତ୍ରମାନେ ଏହା ଶ୍ରଦ୍ଧାର ସହିତ ସମାପନା କରିବା ଦ୍ୱାରା ଏହାକୁ ଶ୍ରାଦ୍ଧ କୁହାଯାଏ। ଏଥିରେ ସେ ନିଜେ ପିତୃଋଣରୁ ମୁକ୍ତି ପାଇବା ସହ ନିଜର ପରମଗତି ପାଇଁ ଧର୍ମ ସଂଚୟ କରନ୍ତି। ଏଣୁ ଯଥାର୍ଥରେ କୁହାଯାଇଛି :

*"ପିତାଧର୍ମ ପିତାସ୍ୱର୍ଗ ପିତାହିଁ ପରମ ତପଃ*
*ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତା।"*

**ବିପିନବିହାରୀ ମହାନ୍ତି,** ଅଧ୍ୟକ୍ଷ,ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର,ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮




# କଳାକାର ଭତ୍ତା ପାଇଁ ଜୟଦେବ ବିଧାୟକଙ୍କୁ ଭେଟିଲେ ଶତାଧିକ କଳାକାର



ବାଲିଅନ୍ତା : ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକମାନଙ୍କୁ ଭତ୍ତା ପ୍ରଦାନ କରୁଥିବା ବେଳେ । ଓଡିଶାର ଲୋକକଳା ସଂସ୍କୃତିକୁ ପୂର ପଲ୍ଲୀରେ ଲୋକ ଲୋଚନରେ ପ୍ରଚାର ଓ ପ୍ରସାର ପାଇଁ କଳାକାରମାନଙ୍କ ଅବଦାନ ଅତୁଳନୀୟ ଅଟେ । ଜୟଦେବ ନିର୍ବାଚନ ମଣ୍ଡଳୀର ଶତାଧିକ କଳାକାରମାନେ ଏହି ଭତ୍ତା ପାଇବାରୁ ବଂଚିତ ଅଛନ୍ତି । ସେମାନଙ୍କୁ ଭତ୍ତା ପ୍ରଦାନ ନେଇ ଜୟଦେବ ବିଧାୟକଙ୍କ ବାଲିଅନ୍ତା ବ୍ଲକ ଅନୁସୂଚିତ ବର୍ଗର ପ୍ରତିନିଧି ଦୀନବନ୍ଧୁ ଭୋଇଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତର ଶତାଧିକ ବର୍ଷିଆନ କଳାକାର ସ୍ଥାନୀୟ ବିଧାୟକ ଡଃ ଅରବିନ୍ଦ ଢାଲୀଙ୍କ ବାସଭବନରେ ଭେଟି ଭତ୍ତା ନିମନ୍ତେ ଲିଖିତ ଭାବେ ଜଣାଇଥିଲେ । ବିଧାୟକ ଦରଖାସ୍ତ ଗ୍ରହଣ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାବା ସହ ଭତ୍ତା କରାଇବା ନେଇ ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ ବକ୍ତବ୍ୟରେ ଉଭୟ ବାଲିଅନ୍ତା ଓ ବାଲିପାଟଣା ବ୍ଲକର ସମସ୍ତ କଳାକାରମାନଙ୍କୁ ନେଇ ଏକ ସ୍ଥାୟୀ ସଂଘ କରିବାକୁ ଉପଦେଶ ଦେଇଥିଲେ ।

# ବିଧାନସଭା ପରିସରରେ ମିଡିଆ ପ୍ରକୋଷ୍ଠ ପ୍ରତିଷ୍ଠା ପାଇଁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ବିଭିନ୍ନ ପ୍ରସଙ୍ଗ ଉପରେ ସାମ୍ବାଦିକଙ୍କ ସହ ସାକ୍ଷାତ ଏବଂ ମତାମତ ରଖିବା ନିମନ୍ତେ ବିଧାନସଭା ପରିସରରେ ଏକ ମିଡିଆ ପ୍ରକୋଷ୍ଠ ତୁରନ୍ତ ପ୍ରତିଷ୍ଠା ପାଇଁ ମଧ ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ବର୍ଷ ଅକ୍ଟୋବର ୩୧ ତାରିଖ ସୁଦ୍ଧା ଏହାର ସମସ୍ତ ନିର୍ମାଣ କାର୍ଯ୍ୟ ସାରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ବିଧାନସଭାର ଦୈନନ୍ଦିନ କାର୍ଯ୍ୟରେ ଉନ୍ନତ ବୈଷୟିକ ଜ୍ଞାନକୌଶଳର ବ୍ୟାପକ ଉପଯୋଗ ଉପରେ ଏକ ବୈଠକ ମଙ୍ଗଳବାର ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଉକ୍ତ ବୈଠକର ନିଷ୍ପତି ଅନୁଯାୟୀ ବିଧାନସଭାରେ ଆଲୋଚନା ହେଉଥିବା ସମସ୍ତ ପ୍ରସଙ୍ଗକୁ ଇଂରାଜୀ ଭାଷାରୁ ଓଡ଼ିଆ ଭାଷାକୁ ଏବଂ ଓଡ଼ିଆ ଭାଷାରୁ ଇଂରାଜୀ ଭାଷାକୁ ଅନୁଦିତ କରାଯିବାର ବ୍ୟବସ୍ଥା ଗ୍ରହଣ କରାଯିବ। ଓସ୍ୱାସର ସହଯୋଗରେ ବିଧାନସଭାରେ ନେଭା କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ କରାଯିବ ଏବଂ ବିଧାନସଭାର ସମସ୍ତ ବିବରଣୀ ଜନସାଧାରଣଙ୍କୁ ଉପଲବ୍ଧ ହେବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାନସଭା ସଚିବ ଦାଶରଥୀ ଶତପଥୀ, ପୂର୍ତ୍ତ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଦୁର୍ଗା ପ୍ରସାଦ ମିଶ୍ର, ସଂସଦୀୟ ବ୍ୟାପର ବିଭାଗ ଯୁଗ୍ମ ସଚିବ ମନୋଜ କୁମାର ପଟ୍ଟନାୟକ, ବରିଷ୍ଠ ବୈଷୟିକ ଅଧିକାରୀ ସରିତା ସାହୁ, ବୈଜ୍ଞାନିକ ଦିଲ୍ଲିପ କୁମାର ମାନ୍ଧାତା, ବିଧାନସଭା ଯୁଗ୍ମ ସଚିବ ଦେବାନନ୍ଦ ଦୋରା ପ୍ରମୁଖ ଯୋଗ ଦେଇଥିଲେ ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ଦୁର୍ନୀତିରେ ଭରପୁର ଭାରତୀୟ ଜନତା ପାର୍ଟି ଦେଶକୁ ଆଜି ବହୁ ତଳକୁ ନେଇଯାଉଛି : କଂଗ୍ରେସ




ଭୁବନେଶ୍ୱର : ୨୦୧୪ ମସିହା ପାଖରୁ କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ସରକାର ଭାରତବର୍ଷରେ ଗରୀବ ଜନସାଧାରଣଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଭାରତର ଅଗଣିତ ଖଟିଖିଆ କୃଷକ, ସାଧାରଣ ମଧ୍ୟବର୍ଗର ଜନସାଧାରଣ ସମସ୍ତଙ୍କୁ ବହୁ ଦୁର୍ଗତି ଭିତରକୁ ଠେଲି ଦେଇଛନ୍ତି। ୨୦୧୪ ମସିହା ପାଖରୁ ଯେତେଗୁଡ଼ିଏ ମୋଦି ସରକାର ନିଷ୍ପତ୍ତି ନେଇଛନ୍ତି ତାହା ଦେଶର ସ୍ୱାର୍ଥର ପରିପନ୍ଥୀ ତଥା ଜନସାଧାରଣଙ୍କ ବିରୁଦ୍ଧରେ ଯେପରିକି ବିମୁଦ୍ରିକରଣ କରାଗଲା, କୁହାଗଲା ବିମୁଦ୍ରିକରଣ ଦ୍ୱାରା ଦେଶକୁ କଳାଧନ ଫେରିବ ଏବଂ ଦେଶ ଭିତରେ ଅରାଜକତା ତତ୍ତ୍ୱ ହ୍ରାସ ପାଇବ। କିନ୍ତୁ କଳାଧନ ଆସିଲା ନାହିଁ, ବରଂ ସାଧାରଣ ଲୋକ ନିଜର ରୋଜଗାର ହରାଇଲେ, ବହୁ ଲୋକ ବ୍ୟାଙ୍କରେ ଲାଇନ୍ ଲଗାଇ ମୃତ୍ୟୁବରଣ କଲେ ଏବଂ ଛୋଟ ବ୍ୟବସାୟୀ ଯେଉଁମାନେ ନିଜର ରୋଜଗାର ହରାଇଲେ। ଠିକ୍ ସେହିଭଳି ଭାବରେ ଜିଏସ୍‌ଟି ଆଇନ ତରବର ଭାବରେ ଲାଗୁ କରାଗଲା ଯାହାକୁ କି କୁହାଗଲା ଭାରତବର୍ଷରେ ବ୍ୟବସାୟ ମାନଙ୍କ ପାଇଁ ଏହା ଏକ ବଡ଼ ଆଶୀର୍ବାଦ। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଭାରତବର୍ଷର ନିମ୍ନ, ମଧ୍ୟ ସାଧାରଣ ବର୍ଗର ବ୍ୟବସାୟୀମାନଙ୍କ ଏକ ପାହାଡ଼ ଭଳି ବୋଝ ହେଲା। ଏହା ଦ୍ୱାରା ଭାରତ ବର୍ଷର କୋଟି କୋଟି ଛୋଟ ବ୍ୟବସାୟୀ, ସାଧାରଣ ଓ ମଧ୍ୟମ ଧରଣର ବ୍ୟବସାୟୀ, ଛୋଟ ଶିଳ୍ପ, ଲଘୁ ଉଦ୍ୟାନ ସବୁ ଆଜି ବନ୍ଦ ହୋଇଗଲା। ଏହାଦ୍ୱାରା ଭାରତବର୍ଷର ପାଖାପାଖି ୧୪ କୋଟିରୁ ଅଧିକ ବେରୋଜଗାର ସୃଷ୍ଟି ହେଲା। ଠିକ୍ ସେହିଭଳି ଭାବରେ ଆଜି ପେଟ୍ରୋଲ ଏବଂ ଡ଼ିଜେଲ ଉପରେ କେନ୍ଦ୍ର ସରକାର କୋଟି କୋଟି ଟଙ୍କାର ରାଜସ୍ୱ ଆଦାୟ କରୁଛନ୍ତି। ପେଟ୍ରୋଲ ଏବଂ ଡ଼ିଜେଲ ଲିଟର ପିଛା ୧୧୦ ଟଙ୍କାରୁ ଅତିକ୍ରମ କରିସାରିଲାଣି। ଜାଳେଣି ଗ୍ୟାସ୍ ୧୦୦୦ ଟଙ୍କାରୁ ଅଧିକ ହୋଇସାରିଲାଣି। ତଥାପି ମୋଦି ସରକାର କହୁଛନ୍ତି ଏହା ହିଁ ତ ଆଛାଦିନ। ଆଜି ପ୍ରଦେଶ କଂଗ୍ରେସ ଭବନରେ ରାଜ୍ୟସଭା ସାଂସଦ ତଥା ଜାମ୍ମୁ କାଶ୍ମୀର କଂଗ୍ରେସ ପ୍ରଭାରୀ ଶ୍ରୀମତୀ ରଜନୀ ପାଟିଲ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବାଦିକମାନଙ୍କୁ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ଏହି ସମସ୍ତ ନୀତିକୁ ଘୋର ସମାଲୋଚନା କରିବା ସହିତ କିଭଳି ଭାବରେ କେନ୍ଦ୍ର ସରକାର କିଭଳି ମୋଦି ସରକାର ଏବଂ ଭାରତୀୟ ଜନତା ପାର୍ଟି ଦୁର୍ନୀତିରେ ବୁଡ଼ି ରହିଛି ତାହାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଭାରତବର୍ଷର ଫ୍ୟୁଚର ଗ୍ରୁପ ସହିତ ବିଦେଶୀ ଆମାଜାନ ଗ୍ରୁପର ଯେଉଁ ଆଇନଗତ ବିବାଦ ସୃଷ୍ଟି ହେଲା, ସେହି ବିବାଦକୁ ନେଇେ ଆମାଜାନ ଗ୍ରୁପ କେନ୍ଦ୍ର ସରକାରଙ୍କ ଆଇନ ମନ୍ତ୍ରଣାଳୟକୁ ୮୫୪୬ କୋଟି ଟଙ୍କାର ଲିଗାଲ ଫିସ୍ ଡ଼ିପୋଜିଟ କରିଛି। ପ୍ରଶ୍ନ ଉଠୁଛି ଏହି ଫିସ୍ ସେ କିଭଳି ଭାବରେ ଦେଇଛନ୍ତି। ଇ କମର୍ସର ସବୁଠାରୁ ବଡ଼ ବିଜିନେସ ଆମାଜାନ ୨୦୧୮ମସିହାରୁ ଭାରତବର୍ଷର ପ୍ରବେଶ କରିବା ପରେ ଭାରତର ନିଜର ଉପସ୍ଥିତିକୁ ଜାହରି କରିବା ପାଇଁ ଏହି ଟଙ୍କାକୁ ଖର୍ଚ୍ଚ କରିଛି କି ? ଆମାଜାନ ଗ୍ରୁପର ୬ଟି କମ୍ପାନୀ ଆମାଜାନ ଇଣ୍ଡିଆ ଲିମିଟେଡ଼, ଆମାଜାନ ରିଟେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼, ଆମାଜାନ ସେଲର ସର୍ଭିସେସ ପ୍ରାଇଭେଟ ଲିମିଟେଡ଼, ଆମାଜାନ ଇଣ୍ଟରନେଟ ସର୍ଭିସେସ ପ୍ରାଇଭେଟ ଲିମିଟେଡ଼, ଆମାଜାନ ହୋଲସେଲ ପ୍ରାଇଭେଟ ଲିମିଟେଡ଼ ଏବଂ ଆମାଜାନ ଟ୍ରାନ୍ସପୋର୍ଟ ଲିମିଟେଡ଼ ଏହି ଦୁଇବର୍ଷ ଭିତରେ ୮୫୪୬ କୋଟି ଟଙ୍କା କାହିଁକି ଖର୍ଚ୍ଚ କରିଛି। ଯେତେବେଳେ କି କେନ୍ଦ୍ର ସରକାରଙ୍କର ଆଇନ ମନ୍ତ୍ରଣାଳୟର ସମୁଦାୟ ବଜେଟ ମାତ୍ର ୧୧୦୦ କୋଟି ଅଟେ। ତେଣୁ ଭାରତବର୍ଷର ଆଇନରେ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଆଇନ ମନ୍ତ୍ରଣାଳୟକୁ ଏହି ୮୫୪୬ କୋଟି ଟଙ୍କାର ଫି ଦିଆଯାଇଛି କି। ଯଦ୍ଦ୍ୱାରା କି ଆମାଜାନ ଭାରତବର୍ଷରେ ତାର କାୟା ବିସ୍ତାର କରିପାରିବ। ଏହାଦ୍ୱାର ଭାରତବର୍ଷ କୋଟି କୋଟି ଛୋଟ ବବ୍ୟସାୟୀମାନେ ନିଜର ଦୋକାନକୁ ବନ୍ଦ କରିବାକୁ ପଡ଼ିଲା। ଏକଥା କଂଗ୍ରେସ ଅଭିଯୋଗ କରୁନାହିଁ ଏହା ସତ୍ୟ ଆଜି ଭାରତବର୍ଷର ବହୁ ଛୋଟ ବ୍ୟବସାୟୀ ମଧ୍ୟମ ବ୍ୟବସାୟୀ, ଯେଉଁମାନେ ପୁରୁଷ ପୁରୁଷ ଧରି ବ୍ୟବସାୟ କରୁଥିଲେ ଏବଂ ସେଥିରୁ ସେମାନଙ୍କର ରୋଜଗାର ଚାଲିଥିଲା ତତ୍ ସହିତ ସେମାନେ ମଧ୍ୟ ରୋଜଗାର ଅନ୍ୟମାନଙ୍କ ପାଇଁ ସୃଷ୍ଟି କରୁଥିଲେ ଆଜି ଏଗୁଡ଼ିକ ସବୁ ବନ୍ଦ। ଆମାଜାନକୁ ଭାରତୀୟ ଜନତା ପାର୍ଟିର ମୋଦି ସରକାର କାହିଁକି ଭାରତର ବଜାରକୁ ଟେକି ଦେଇଛନ୍ତି ଏବଂ କେଉଁ ସ୍ୱାର୍ଥରେ। ଏହା କଣ ଆଛେ ଦିନର କଥା କି ? ତେଣୁ କୋଟି କୋଟି ସାଧାରଣ ମଧ୍ୟମବର୍ଗ ବ୍ୟବସାୟୀମାନେ ଏଭଳି ବଡ଼ ବଡ଼ ଇ-କମର୍ସ ମାନଙ୍କ ସହିତ ବଜାରଭିତ୍ତିକ ପ୍ରତିଯୋଗିତା କରିପାରୁ ନାହାଁନ୍ତି। ତାଙ୍କ ପାଖରେ ଏତେ ବଡ଼ ପରିମାଣର ପୁଁ ମଧ ନାହିଁ। ତାହେଲେ କଣ ଭାରତବର୍ଷର କୋଟି କୋଟି ବ୍ୟବସାୟୀଙ୍କ ବ୍ୟବସାୟକୁ ବନ୍ଦ କରିଦେବା, ଅଧିକାରୁ ଅଧିକ ବେରୋଜଗାରୀ ସୃଷ୍ଟି କରିବା ଏବଂ ଭାରତବର୍ଷ ଲଘୁ, ମଧ୍ୟମ ଧରଣର ଉଦ୍ୟୋଗକୁ ବନ୍ଦ କରିଦେବା ଏକ ଚକ୍ରାନ୍ତ କି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀମତୀ ପାଟିଲ। ଏହି ସମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ଉପସଭାପତି ଶ୍ରୀ ଚିରୀବ ବିଶ୍ୱାଳ, ପ୍ରଦେଶ କଂଗ୍ରେସର ଗଣମାଧ୍ୟମର ଚେୟାରମ୍ୟାନ ଶ୍ରୀଯୁକ୍ତ ଗଣେଶ୍ୱର ବେହେରା ଉପସ୍ଥିତ। ପ୍ରଦେଶ କଂଗ୍ରେସର ମୁଖପାତ୍ର ଶ୍ରୀ ମନୋରନ ଦାସ, ମନୋଜ ରାଉତ, ରଜନୀ ମହାନ୍ତି ଓ ପଦ୍ମାକର ଗୁରୁ ମଧ୍ୟ ଉପସ୍ଥିତ ଥିଲେ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍କ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଂପସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଓକ୍ତଙ୍କକ୍ଷ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କର୍ଣ୍ଣିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।




# ରକ୍ତହୀନତା ରୋଗର ଭୟାବହତା



ଭୁବନେଶ୍ୱର (ଓଏନ୍‌ଏସ୍‌): ଓଡ଼ିଶାର ସବୁଠୁ ଅନଗ୍ରସର ଓ ଗରିବ ଜିଲ୍ଲା ଭାବେ ନବରଙ୍ଗପୁରରେ ଯେଉଁ କଳଙ୍କ ରହିଛି, ସେହି କଳଙ୍କର କାଳିମା ଦିନକୁ ଦିନ ଗାଢ ହେବାରେ ଲାଗିଛି ସିନା କମିବାକୁ ନାଁ ଧରୁନି। ଏହାଛଡ଼ା ଏହି ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ପୁଷ୍ଟିହୀନତା, ରକ୍ତ ଶିକୁଳି ରୋଗ ଓ ମ୍ୟାଲେରିଆର ବ୍ୟାପକତା ଯୋଗୁ ରକ୍ତହୀନତା ଜନିତ ମୃତ୍ୟୁ ସଂଖ୍ୟା କ୍ରମେ ବଢୁଛି। ବିଶେଷତଃ ପ୍ରସବ ବେଳେ ଏହି ସମସ୍ୟା ଅତି ଜଟିଳ ଅବସ୍ଥା ସୃଷ୍ଟି କରୁଛି। ଏହି ଜିଲ୍ଲାରେ ଅଧିକାଂଶ ମାତୃ ମୃତ୍ୟୁ ଅନ୍ତରାଳରେ ରକ୍ତହୀନତା ହିଁ ଏକମାତ୍ର କାରଣ ବୋଲି ବରିଷ୍ଠ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତ ଦେଉଛନ୍ତି। ଚିକିତ୍ସା ବିଜ୍ଞାନର ନିୟମ ଅନୁସାରେ ରକ୍ତରେ ହେମୋଗ୍ଲୋବିନ୍‌ର ପରିମାଣ ଶତକଡ଼ା ୧୧ରୁ କମ୍ ରହିଲେ, ରୋଗୀଟି ରକ୍ତହୀନତାର ଶିକାର ବୋଲି ଚିକିତ୍ସା ବିଜ୍ଞାନ କହିଥାଏ। ବାସ୍ତବପକ୍ଷେ ଏହି ଜିଲ୍ଲାରେ ୯୫ ଶତକଡ଼ା ଲୋକଙ୍କର ହେମୋଗ୍ଲୋବିନ୍ ର ପରିମାଣ ୧୧% ରୁ ବହୁ ତଳେ ରହଉଛି। ଅନେକ ଗର୍ଭବତୀ ମା'ପ୍ରସବ ପାଇଁ ଆସିବାବେଳେ ସେମାନଙ୍କର ହେମୋଗ୍ଲୋବିନ୍‌ର ପରିମାଣ ୪ରୁ ୭ ଶତକଡ଼ା ମଧ୍ୟରେ ରହୁଛି। ପ୍ରସବ ପରେ କିଛି ମାତ୍ରାରେ ରକ୍ତ କ୍ଷୟ ହେଲେ ରୋଗୀର ଅବସ୍ଥା ସଙ୍କଟାପନ୍ନ ହୋଇଯାଏ ଓ ବେଳେବେଳେ ମୃତ୍ୟୁମୁଖରେ ପଡ଼େ। ସାରା ଜିଲ୍ଲା ପାଇଁ ଏକମାତ୍ର ରକ୍ତ ଭଣ୍ଡାରଟି ନବରଙ୍ଗପୁର ସ୍ଥିତ ଜିଲ୍ଲା ସଦରମହକୁମା ଚିକିତ୍ସାଳୟ ଠାରେ ରହିଛି। ସେଠାରୁ ଜିଲ୍ଲାର ସୀମାନ୍ତ ହାଟଭରଣ୍ଡି ଓ ଚନ୍ଦାହାଣ୍ଡିର ଦୂରତା ୧୨୦ କି.ମି.ରୁ ଅଧିକ। ଜିଲ୍ଲାର ଅନ୍ୟ ଏକ ଅଗ୍ରଣୀ ଚିକିତ୍ସାଳୟ ଉମରକୋଟ ଠାରୁ ଏହା ୬୫କି.ମି. ଦୂରବର୍ତ୍ତୀ। ରକ୍ତ ଦରକାର ପଡୁଥିବା ଆଦିବାସୀ ରୋଗୀଙ୍କୁ ରାତି ଅଧରେ ରକ୍ତ ଆଣିବା ଚିଠାଟି ଧରାଇ ସ୍ୱାସ୍ଥ୍ୟ ବିଭାଗ ନିଜ ଦାୟିତ୍ୱ ସାରିଦେଉଛି। ଅଧ ରାତିରେ ରୋଗୀର ଆତ୍ମୀୟ କିଭଳି ଏତେ ଦୂର ଯାଇ ରକ୍ତ ଆଣିବ, ଏହି ପ୍ରଶ୍ନର ଉତ୍ତର କୋଟିକୋଟି ଟଙ୍କା ପାଣି ପରି ଉଡ଼ାଉଥିବା ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିସନ୍ ପାଖରେ ହୁଏତ ନାହିଁ। ୨୦୦୫ରେ ସ୍ୱାସ୍ଥ୍ୟ ମିସନ୍ ଏହି ଜିଲ୍ଲାରେ କାର୍ଯ୍ୟକାରୀ ହେବା ପରଠାରୁ ରକ୍ତହୀନତା ରୋଗ ବ୍ୟାପକ ଭାବେ ବଢିଚାଲିଛି। କୋଟିକୋଟି ଟଙ୍କା ବ୍ୟୟରେ ଚିକିତ୍ସାଳୟରେ ରଙ୍ଗ ଦେଇ, ଚଟାଣରେ ମାର୍ବଲ୍ ଟାଇଲ୍ ଲଗାଇ, ବିଭିନ୍ନ ହୋର୍ଡ଼ିଙ୍ଗ୍ ଟାଙ୍ଗି ଓ ଗଣମାଧ୍ୟମରେ ରଙ୍ଗୀନ୍ ବିଜ୍ଞାପନ ଦେଇ ଓ ବର୍ଷକୁ କେବଳ ଫୁଲ ସଜାଇବାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ ହେଉଥିବା ଦାବି କରୁଛି ସ୍ୱାସ୍ଥ୍ୟ ମିସନ୍। ସ୍ୱାସ୍ଥ୍ୟ ମିସନ୍‌ର ହର୍ତ୍ତାକର୍ତ୍ତା ସାଜିଥିବା ଅନଭିଜ୍ଞ, ଅଦକ୍ଷ ଓ ଅସ୍ଥାୟୀ କର୍ମଚାରୀଙ୍କ ହାତରେ ଛାଡ଼ି ଦିଆଯାଉଛି ରାଜ୍ୟର ସ୍ୱାସ୍ଥ୍ୟସେବା ଦାୟିତ୍ୱ। ଭୁବନେଶ୍ୱରରୁ ନିର୍ଦ୍ଦେଶ ନଆସିଲେ, ଏହି ଯୋଜନାର ଘାସ ବି ହଲିବ ନାହିଁ। ଗର୍ଭବତୀ ମା'ର ଦାୟିତ୍ୱ ଅନଭିଜ୍ଞ ଆଶା ଉପରେ ଛାଡ଼ିଦେଇ ସମସ୍ତେ ନିଶ୍ଚିତ ରହିଛନ୍ତି। ବାହାରୁ ଔଷଧ ନକିଣିବାକୁ ସମସ୍ତଙ୍କୁ ତାଗିଦ୍ କରାଯାଉଛି। ରକ୍ତହୀନତା ରୋଗର ପ୍ରତିଷେଧକ ପାଇଁ ଯେଉଁ ଫଲିଫର୍ ଟାବ୍‌ଲେଟ୍ ବଣ୍ଟାଯାଉଛି, ସେଗୁଡ଼ିକ ରୋଗୀଙ୍କ ଦ୍ୱାରା ଆଦୌ ଆଦୃତ ହେଉନାହିଁ। ପ୍ୟାକିଂ ତ୍ରୁଟି ଯୋଗୁ ଖୋଲିବା ପରେ ସେସବୁ ଭାଙ୍ଗି ଯାଉଛି। ଅନେକ ରୋଗୀ ତାହାକୁ ଖାଉ ନାହାଁନ୍ତି। ଖାଇଲେ ମଧ୍ୟ ସେମାନଙ୍କର ହେମୋଗ୍ଲୋବିନ୍ ପରିମାଣ ଏତେ କମ୍ ରହୁଛି ଯେ ପ୍ରସବ ପୂର୍ବରୁ ଅବସ୍ଥା ସ୍ୱାଭାବିକ୍ ହେବା ସମ୍ଭବ ହେଉନି। ବେଳେବେଳେ ସମୟସୀମା ପାର ହୋଇଥିବା ଔଷଧ ବଣ୍ଟାଯାଇ ଅବସ୍ଥାକୁ ଆହୁରି ଅସମ୍ଭାଳ କରାଯାଉଛି। ଯେକୌଣସି ଯୋଜନାର ସଫଳ ରୂପାୟନ ପାଇଁ ପ୍ରତି ସମସ୍ୟାକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ପଡ଼ିଥାଏ। ଗୁରୁତର ରକ୍ତହୀନତା ରୋଗୀ ଗୋଟିଏ ଗୋଟିଏ ସମସ୍ୟା। ତାଙ୍କୁ ବାଟକୁ ଆଣିବାକୁ ହେଲେ, ସ୍ୱତନ୍ତ୍ର ଭାବେ ସମାଧାନର ବାଟ ଖୋଜିବାକୁ ହେବ। ଭୁବନେଶ୍ୱରରୁ ଆସୁଥିବା ନିର୍ଦ୍ଦେଶନାମା ଏଠାରେ ଚଳିବ ନାହିଁ। ୩ମାସ ଫଲିଫର୍ ଖାଇଦେଲେ ଯେ ରକ୍ତହୀନତା ଦୂର ହୋଇଯିବ, ତାହା କହି ହେବ ନାହିଁ। ଏହାର ଭୟାବହତା ଦୂର ପାଇଁ ଏହି ଜିଲ୍ଲା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ହେବ। ଅନ୍ୟଥା ଏହି ରୋଗ କ୍ରମେ ଦାବାନଳ ଭଳି ବ୍ୟାପୀ ଆଉରି ଅଧିକ ଜୀବନ ହାନି ଘଟାଇବ। ଏହି ଜିଲ୍ଲାରେ ୫ରୁ ୧୦ ଶତକଡ଼ା ରୋଗୀ ରକ୍ତଶିକୁଳି ରୋଗରେ ଆକ୍ରାନ୍ତ ହେବା ଦେଖାଯାଏ। ଏମାନଙ୍କର ରକ୍ତ ବୃଦ୍ଧି ପାଇଁ ଆଇରନ୍ ବଟିକା ଆଦୌ ସହାୟକ ନୁହେଁ। ପ୍ରସବ ପୂର୍ବରୁ ବାରମ୍ବାର ରକ୍ତ ଦିଆଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବାକୁ ପଡ଼ିବ। ଏହାର ବ୍ୟାପକତା ହିଁ ରକ୍ତ ହୀନତା ରୋଗର ଅନ୍ୟତମ କାରଣ। ଏହି ସମସ୍ୟା ସଂପର୍କରେ ସମସ୍ତେ ଅବଗତ ଥିଲେ ମଧ୍ୟ ଏଯାଏ କୌଣସି ବିହିତ ପଦକ୍ଷେପ ନିଆ ଯାଉନାହିଁ। ସ୍ୱାସ୍ଥ୍ୟ ମିସନ୍ ପୃଥିବୀରେ ପ୍ରାୟତଃ ସବୁଠୁ ଖର୍ଚ୍ଚ ବହୁଳ ଯୋଜନା। ଏହି ଯୋଜନାରେ ଟଙ୍କାର ଅଭାବ ନାହିଁ। ଅର୍ଥର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଗୋଟିଏ ମା' ଯଦି କରିବ, ତା'ହେଲେ ଇତିହାସ କେବେ ଆମକୁ କ୍ଷମା ଦେବ ନାହିଁ। କେବଳ ତଥାକଥିତ ଇଟିଙ୍ଗ୍, ସିଟିଙ୍ଗ୍, ମିଟିଂ, କାନ୍‌ଭାସିଂ ଓ ହୁଡ଼ିଙ୍ଗ୍‌ରେ ପ୍ରଚୁର ଅର୍ଥ ବ୍ୟୟ କରାନଯାଇ ସମସ୍ୟାର ମୂଳରେ ପହଞ୍ଚି ସମାଧାନ କରାଗଲେ ହିଁ ଏହି ଯୋଜନାର ସଫଳ ରୂପାୟନ ହୋଇପାରିବ।

**(ସୌଜନ୍ୟ: ଡାକ୍ତର ସୁରେନ୍ଦ୍ରନାଥ ଦାଶ)**

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ହାଇସ୍କୁଲ ପରିଦର୍ଶନ



ଧର୍ମଶାଳା (ପିଏନ୍): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ଓ ଯୁଗ୍ମ ସଚିବ ଡ. ସନାତନ ପଣ୍ଡା ଧର୍ମଶାଳା ବାଣୀପୀଠ ଓ ଜାରକା ହାଇସ୍କୁଲ ପରିଦର୍ଶନ କରିଛନ୍ତି। ଉଭୟ ବିଦ୍ୟାଳୟର ଭିତ୍ତିଭୂମି ଓ ପରିବେଶ ଦେଖି ସେମାନେ ଖୁସି ବ୍ୟକ୍ତ କରିବା ସହ ମୋ ସ୍କୁଲ ଅଭିଯାନର ସମୀକ୍ଷା କରିଥିଲେ। ବିଦ୍ୟାଳୟରେ ସ୍ୱଚ୍ଛତା, ବୃକ୍ଷରୋପଣ, ଆଧୁନିକ ପ୍ରଣାଳୀରେ ଶିକ୍ଷାଦାନ, ନିୟମିତ ପରୀକ୍ଷା କରାଇବା ଆଦି ଦିଗରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଚିବ ଓ ଯୁଗ୍ମ ସଚିବଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରଦତ୍ତ ଅର୍ଥ ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କୃତିବାସ ବାରିକ, ଶଶୀଧର ସିଂହ, ବିଇଓ ନିକୁଂଜ କୁମାର ମହାନ୍ତି, ବଳରାମ ନାୟକ, ସୁଦର୍ଶନ ମଲିକ, ଜିଲ୍ଲା ସଂଯୋଜକ ରାଜେନ୍ଦ୍ର ଶତପଥୀ, ଅମରେଶ ପଣ୍ଡା ଓ ରାଜେଶ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଜାରକା ହାଇସ୍କୁଲ ପ୍ରଧାନ ଶିକ୍ଷକ ବୀରବର ବେହେରା, ଧର୍ମଶାଳା ବାଣୀପୀଠ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର କର, ମୋ ସ୍କୁଲ ଅଭିଯାନରେ ବ୍ଲକ ସଂଯୋଜକ ସଦୀପ୍ତ ମହାନ୍ତଙ୍କ ସମେତ ଉଭୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ମୋ ସ୍କୁଲ ଅଭିଯାନର ବ୍ଲକସ୍ତରୀୟ କର୍ମଶାଳା




ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ହାଇସ୍କୁଲରେ ମୋ ସ୍କୁଲ ଅଭିଯାନର ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଇଓ ନିକୁଂଜ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ପରିଚାଳିତ ସମୀକ୍ଷା ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି ଲୋକପ୍ରିୟ କାର୍ଯ୍ୟକ୍ରମର ସଫଳତା ସଂପର୍କରେ ଆଲୋକପାତ କରିଥିଲେ। ସରକାରଙ୍କ ନୂତନ ପରୀକ୍ଷା ପଦ୍ଧତି ସଂପର୍କରେ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ପାଇଁ ଉପସ୍ଥିତ ପ୍ରଧାନଶିକ୍ଷକ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂହ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ବିଷ୍ଣୁଚରଣ ପଣ୍ଡା, ମୋ ସ୍କୁଲ ଅଭିଯାନର ଜିଲ୍ଲା ସଂଯୋଜକ ରାଜେନ୍ଦ୍ର କୁମାର ଶତପଥୀ ଓ ଅମରେଶ ପଣ୍ଡା ଅତିଥିଭାବେ ଯୋଗଦେଇ ମୋ ସ୍କୁଲ ଅଭିଯାନର ସମୀକ୍ଷା କରିଥିଲେ । ଶିକ୍ଷକ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ଲକ ସଂଯୋଜକ ସଦୀପ୍ତ ମହାନ୍ତି କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ବିଷ୍ଣୁଚରଣ ନାୟକ ମୋ ସ୍କୁଲ ଅଭିଯାନର ଅଗ୍ରଗତି ସଂପର୍କୀତ ବିବରଣୀ ପାଠ କରିଥିଲେ। ଶିକ୍ଷକ ବିଭୁତିଭୂଷଣ ପାଳ, ନିରୋଦ କୁମାର ମହାନ୍ତି, ସୁଦାମ ଚରଣ ପଣ୍ଡା ଓ ବାସୁଦେବ ରାଉତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ନୂତନ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପଦୋନ୍ନତି ପାଇଥିବା ବ୍ଲକର ୨୨ଜଣ ପ୍ରଧାନ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଜାରକା ହାଇସ୍କୁଲର ପ୍ରଧାନଶିକ୍ଷକ ବୀରବର ବେହେରା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ, ନରେନ୍ଦ୍ର କୁମାର ଲେଙ୍କା, ସୁରେନ୍ଦ୍ର କୁମାର ନାୟକ, ସୁରେନ୍ଦ୍ର ବେହେରା, ଅଶୋକ କୁମାର ଶତପଥୀ ଓ ସତ୍ୟବାଦୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦେଶର ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥାନ

ଭୁବନେଶ୍ୱର (ପିଏନ୍): ଓଡ଼ିଶାର ଧର୍ମ, ସଂସ୍କୃତି, ସ୍ଥାପତ୍ୟ, ପ୍ରକୃତି ଓ ପରିବେଶ, ଜଳବାୟୁ, ବେଳାଭୂମି, ଜଙ୍ଗଲ ଓ ବନ୍ୟଜନ୍ତୁ, ମନ୍ଦିର, ଐତିହ୍ୟସ୍ଥଳୀ, ଖାଦ୍ୟ ଓ ପିଠାପଣା, ପଟଚିତ୍ର, ଚାନ୍ଦୁଆ କଳା, ତାରକସି, ପିତ୍ତଳ କାର୍ଯ୍ୟ, ଓଡ଼ିଶୀନୃତ୍ୟ, ଲୋକନୃତ୍ୟ ଓ ସଙ୍ଗୀତ ଏବଂ କୁଶଳୀ କାରିଗରମାନଙ୍କ ନିପୁଣ କାରୁକାର୍ଯ୍ୟ ପର୍ଯ୍ୟଟକମାନଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିଥାଏ। ପର୍ଯ୍ୟଟନର ଉଲ୍ଲେଖନୀୟ ସଫଳତା ପାଇଁ ଓଡ଼ିଶା ପର୍ଯ୍ୟଟନ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ଲାଭକରି ସମ୍ମାନିତ ହୋଇଛି। ନିକଟରେ ଏକ ଆନ୍ତର୍ଜାତିକ ପର୍ଯ୍ୟଟନ ପତ୍ରିକାରେ ବିଶ୍ୱର ପଚାଶଟି ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳ ତାଲିକାରେ ଓଡ଼ିଶା ସ୍ଥାନ ପାଇଛି। ଏହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଉନ୍ନତ ଭାସ୍କର୍ଯ୍ୟ କଳାର ନିଦର୍ଶନ ଓଡ଼ିଶାର ମନ୍ଦିର ଏବଂ ପ୍ରକୃତିର ଅନୁପମ ଉପହାର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ଏସବୁ ସତ୍ତ୍ୱେ ପର୍ଯ୍ୟଟନ କ୍ଷେତ୍ରରେ ଅନେକ ସମ୍ଭାବନା ଥିଲେ ସୁଦ୍ଧା ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଉତ୍ସାହଜନକ ନୁହେଁ। ଯଦିଓ ପର୍ଯ୍ୟଟକଙ୍କ ଆଗମନର ଉନ୍ନତି ପରିଲକ୍ଷିତ ହୋଇଛି ତଥାପି ଏହା ଅନ୍ୟ ରାଜ୍ୟ ତୁଳନାରେ ବହୁତ କମ୍। ରାଜ୍ୟ ପ୍ରଗତିରେ ପର୍ଯ୍ୟଟନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପର୍ଯ୍ୟଟନର ବିକାଶ ଆର୍ଥିକ ଅଭିବୃଦ୍ଧିରେ ଅନେକ ସହାୟତା କରିଥାଏ। ରାଜ୍ୟ ଭିତରେ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଉତ୍ତମ ଭିତ୍ତିଭୂମି ସୃଷ୍ଟି କରିବା ଓ ଉକ୍ତ ସ୍ଥାନରେ ବିକାଶ ପାଇଁ ଅନେକ କାର୍ଯ୍ୟ ସରକାର ଜାରି ରଖିଛନ୍ତି। ୨୦୦୯ରୁ ପର୍ଯ୍ୟଟନ ବିଭାଗ ଦ୍ୱାରା ଏକ ପାଞ୍ଚବର୍ଷିଆ ଯୋଜନା ପ୍ରଣୟନ କରାଯାଇଛି। ଏହା ୨୦୧୪ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଯାଇଛି। ଏହି ଯୋଜନାରେ ଭିତ୍ତିଭୂମିର ବିକାଶ, ନିଯୁକ୍ତି ସୁଯୋଗ, ଅଭିବୃଦ୍ଧି ଏବଂ ପର୍ଯ୍ୟଟନ ସମ୍ପଦର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ଯୋଜନାରେ ଅନେକ ପର୍ଯ୍ୟଟନ ପ୍ରକଳ୍ପ, ପରିବେଶ ପର୍ଯ୍ୟଟନ, ନୌପର୍ଯ୍ୟଟନ ଇତ୍ୟାଦି କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା ରହିଛି। ୨୦୧୪ ସୁଦ୍ଧା ପର୍ଯ୍ୟାଟକ ସଂଖ୍ୟାରେ ୧୫% ଅଭିବୃଦ୍ଧି ହାସଲ ପାଇଁ ଲକ୍ଷ୍ୟ ସାଧିତ ହୋଇଛି ବୋଲି ସରକାରୀ ଭାବେ କୁହାଯାଇଛି। ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ସହିତ ପର୍ଯ୍ୟଟକମାନଙ୍କ ପାଇଁ ଆବଶ୍ୟକ ସୁବିଧାସୁଯୋଗ ବିକାଶକୁ ଅଗ୍ରାଧିକାର ଦିଆଯିବ। ଏହା ସହିତ ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ପର୍ଯ୍ୟଟନ ଜରିଆରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଓ ଘରୋଇ ଭାଗୀଦାରିରେ ଉକ୍ତ କ୍ଷେତ୍ରରେ ବିକାଶ ପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି। ଓଡ଼ିଶାର ପର୍ଯ୍ୟଟନକୁ ଅନ୍ତର୍ଜାତୀୟ ସ୍ତରରେ ଉପସ୍ଥାପନ କରିବା ପାଇଁ ଉଦ୍ୟମ ହୋଇଛି। ନିକଟରେ ଓଡ଼ିଶା ସରକାର ଏକ ପର୍ଯ୍ୟଟନ ନୀତି ଘୋଷଣା କରିଛନ୍ତି। ଏହି ନୀତିରେ ଘରୋଇ ଭାଗୀଦାରିକୁ ପର୍ଯ୍ୟଟନ କ୍ଷେତ୍ରରେ ପ୍ରୋତ୍ସାହନ ଦେବା ପାଇଁ ଅନେକ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟନ ଓ ସଂସ୍କୃତି ଦୁଇଟି ବିଭାଗ ନିବିଡ଼ ଭାବେ ଜଡ଼ିତ। କାରଣ ସଂସ୍କୃତି ବିନା ପର୍ଯ୍ୟଟନର ବିକାଶ ସମ୍ଭବ ନୁହେଁ। ତେଣୁ ରାଜ୍ୟ ସରକାର ଏହାକୁ ହୃଦୟଙ୍ଗମ କରି ଓଡ଼ିଶାରେ ଥିବା ଅନେକ ମନ୍ଦିର, ପ୍ରାଚୀନ କୀର୍ତ୍ତିରାଜିର ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଲୋକନୃତ୍ୟ ଓ ସଙ୍ଗୀତକୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଲୋଚନକୁ ଆଣିବା ପାଇଁ ପର୍ଯ୍ୟଟନ ବିଭାଗ ପ୍ରୟାସ ଜାରି ରଖିଛନ୍ତି। ପର୍ଯ୍ୟଟନ ଓ ଦର୍ଶନୀୟ ସ୍ଥାନଗୁଡ଼ିକ ଯେତେ ଆକର୍ଷଣୀୟ ହେବ ପର୍ଯ୍ୟଟକଙ୍କ ସଂଖ୍ୟା ସେତେ ବଢ଼ିବ। ଏହା ସତ୍ୟ ଯେ ଭାରତର ଅନ୍ୟ କେତେକ ରାଜ୍ୟ ଯଥା ରାଜସ୍ଥାନ, କେରଳ, ଗୋଆ ଆଦି ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଆମଠାରୁ ବହୁ ଆଗରେ ଅଛନ୍ତି। ସେମାନଙ୍କ ସହ ସମକକ୍ଷ ହୋଇ ଓଡ଼ିଶାକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଆମକୁ ନିଷ୍ଠା ଓ ଦୃଢ଼ ଆତ୍ମବିଶ୍ୱାସର ସହ ଉଦ୍ୟମ କରିବାକୁ ହେବ। ରାଜ୍ୟ ସରକାର ଓଡ଼ିଶାରେ ବୌଦ୍ଧ ପର୍ଯ୍ୟଟନର ବିକାଶ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ରତ୍ନଗିରି, ଲଳିତଗିରି, ଉଦୟଗିରି, ଧଉଳି ଓ ଲାଙ୍ଗୁଡ଼ି ପ୍ରଭୃତି ବୌଦ୍ଧପୀଠର ଉନ୍ନତି ପାଇଁ ଅନେକ କାର୍ଯ୍ୟକ୍ରମ କରାଯାଉଛି। ଏହି ପର୍ଯ୍ୟଟନସ୍ଥଳୀର ପ୍ରଚାର ପ୍ରସାର ପାଇଁ ଗତବର୍ଷ ଏକ ସ୍ୱତନ୍ତ୍ର ଟ୍ରେନ ମହାପରିନିର୍ବାଣ ଏକ୍ସପ୍ରେସ୍ ଦିଲ୍ଲୀରୁ ଓଡ଼ିଶାକୁ ପ୍ରଥମଥର ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ଆସିଥିଲା। ଏହି ଟ୍ରେନ୍‌ରେ ବିଦେଶୀ ବୌଦ୍ଧ ପର୍ଯ୍ୟଟକମାନେ ରତ୍ନଗିରି, ଉଦୟଗିରି, ଲଳିତଗିରି ଇତ୍ୟାଦି ବୌଦ୍ଧପୀଠ ଦେଖି ବିମୋହିତ ହୋଇଥିଲେ। ଏହାଛଡ଼ା ଏକ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଦେଶବିଦେଶରୁ ପ୍ରାୟ ୩୦୦ ପ୍ରତିନିଧି ଯୋଗଦେଇ ବୌଦ୍ଧପୀଠଗୁଡ଼ିକ ପରିଦର୍ଶନ କରିବା ସହ ଏହାର ପ୍ରଚାର ପ୍ରସାର କରିବାର ସହଯୋଗ କରିଥିଲେ। ଆମେ ଆଶା କରୁଛୁ ଏହାଦ୍ୱାରା ଓଡ଼ିଶା ଭାରତ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବ।

# ପିପିଲି ବିଜୟକୁ ନେଇ କେନ୍ଦ୍ରାପଡାରେ ବିଜୟ ଉତ୍ସବ



କେନ୍ଦ୍ରାପଡ଼ା (ପିଏନ୍): ଓଡିଶାର ପୁରୀ ଜିଲ୍ଲାର ପିପିଲି ବିଧାନସଭା ଉପ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀଙ୍କ ବିପୁଳ ବିଜୟକୁ ନେଇ କେନ୍ଦ୍ରାପଡା ବିଜେଡି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡରେ ବାଜା ବଜାଇ, ନାଚକୁଦ କରି ବିଜେଡି କର୍ମୀମାନେ ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରି ବିଜୟ ଉତ୍ସବ ପାଳନ କରଥିବା ଦେଖାଯାଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସଙ୍କ ନେତୃତ୍ୱରେ ରଞ୍ଜିତ ସାହୁ, ହିରଣ୍ୟ ପଣ୍ଡା, ଯୁବ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା,ଧିରେନ ସାହୁ, ଦେବଦାସ ମହାନ୍ତି, ଶ୍ରୀକାନ୍ତ ପଣ୍ଡା, ବିଜୟ ମଣ୍ଡଳ, ସବିତା ସାହୁ, ସେକ ଲିୟାକତ(ନସରୁ), ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ସେକ ଇନାୟତ(ଚନ୍ଦନ), ସେକ ଗୋଫ୍ରାନ, ଲେଲିନ ସ୍ୱାଇଁ, ନଗର ସଭାପତି ଯଯାତି କେଶରୀ ମହାନ୍ତି, ମଙ୍ଗଳବରଣ ସିଂ, ନାରାୟଣ ସାହୁ, ରଞ୍ଜନ ସାହୁ, ଉମେଶ ନାୟକ, ଲଳିତ ମହାନ୍ତି, ପ୍ରମୋଦ ପ୍ରଧାନ, ରଞ୍ଜନ କର, ମହେନ୍ଦ୍ର ମିଶ୍ର, ପ୍ରଦୀପ୍ତ ମହାନ୍ତି, ମାନସରଞ୍ଜନ ଦାସ, ଭୀମସେନ ବେହେରା, ସଂଗମ କେଶରୀ ସାମଲ, ସଞ୍ଜୟ କୁମାର ଜେନା, ଦୀନେସରାଜ ସିଂ, ସେକ ଅକିଲ, ମହମ୍ମଦ ଅମୀର, ସେକ ନିଆଜ(ମତୁ), ରକିବୁର ରହେମାନ ପ୍ରମୁଖ ପୁରୁଣା ବସଷ୍ଟାଣ୍ଡରେ ଏକାଠି ହୋଇ ବିଜୟ ଉତ୍ସବ ପାଳନ କରିବା ସହ ବାଜା ବଜାଇ, ନାଚକୁଦ କରି ବିଜେଡି ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରି ଖୁସି ମନାଇଥିଲେ।

# ନଗରି ଗ୍ରାମପଂଚାୟତର ବିଜେଡି ବୈଠକ



ଫୁଲନଖରା (ପିଏନ୍): ନିଆଳୀ ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକର ନଗରୀ ଗ୍ରାମପଂଚାୟତ ଛାମୁଆ ବିଜେଡି କର୍ମୀମାନଙ୍କର ଏକ ସାଂଗଠନିକ ବୈଠକ ସନ୍ତୋଳ ଗ୍ରାମ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଗତ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଂଚାୟତର ବିଜେଡି ସଭାପତି ଶିବପ୍ରସାଦ ଦାଶ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ବିଜେଡି ସଭାପତି ଗୋଲେଖ ଚନ୍ଦ୍ର ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ଶସିଭୂଷଣ ଦାଶ, ବ୍ଲକ ବିଜେଡି ସଂପାଦକ ଅଶୋକ ରଥ, ବିପ୍ଳବ ଯାଦବ, ପ୍ରଣବ ପଟ୍ଟନାୟକ, ମଙ୍ଗଳାପ୍ରସାଦ ମହାନ୍ତି, ଅଜୟ କୁମାର ବେଉରା, ଶ୍ୟାମସୁନ୍ଦର ପାତ୍ର, ପ୍ରଭାତ କୁମାର ପାତ୍ର, ଗୁରୁଚରଣ ମହାନ୍ତି, ନରେନ୍ଦ୍ର ମଲ୍ଲିକ୍ , ବୁଧିଆ ଭୋଇ, କହରା ଭୋଇ, ବିଭୁତିଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇ ଆସନ୍ତା ଗ୍ରାମପଂଚାୟତ ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବା ଏବଂ ପଂଚାୟତର ବିଭିନ୍ନ ଅଭାବ ଅସୁବିଧା ଉପରେ ବିଶେଷକରି ଅରିଲୋ ଗ୍ରାମର ଜଳ ପ୍ରକଳ୍ପ ଯୋଜନା କିପରି କାର୍ଯ୍ୟକାରୀ ହେବ ଏ ନେଇ ବିଷଦ୍ ଭାବରେ ଆଲୋଚନା କରାଗଲା ମାନ୍ୟବର ବିଧାୟକଙ୍କ ଦୃଷ୍ଟିକୁ ଅଣାଯାଇ ଏହା ଖୁବ୍ ସିଘ୍ର ଅରିଲୋ ଭଦ୍ରଭୟକ୍ତିମାନଙ୍କ ସହିତ ଆଲୋଚନା କରାଯିବ ଏବଂ ଦଶହରା ପରେ ପଂଚାୟତର ଏକ କର୍ମି ସମ୍ମୀଳନୀ ଡକା ଯାଇ ୩୦୦ ଲୋକଙ୍କୁ ସାମିଲି କରାଯିବବୋଲି ସମସ୍ତେ ମତବ୍ୟକ୍ତି କରିଥିଲେ।

# ଧର୍ମଶାଳା ବିଜେଡିର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବିଜେଡି ପକ୍ଷରୁ ଗାନ୍ଧି ଜୟନ୍ତୀ ଠାରୁ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପର୍ଯ୍ୟନ୍ତ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହେବ ବୋଲି ଘୋଷଣା କରାଯାଇଛି । ଏନେଇ ନୂଆଗାଁସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦିଆଯାଇଛି । ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଦେଇ ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି କହିଥିଲେ ଯେ, ବିଜେଡି ପକ୍ଷରୁ ପ୍ରତିବର୍ଷ ଏହି ସମୟରେ ସମସ୍ତ ପଂଚାୟତରେ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥାଏ । ହେଲେ ଚଳିତବର୍ଷ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହେବ ବୋଲି ଦଳ ପକ୍ଷରୁ ନିଷ୍ପତି ନିଆଯାଇଛି । ଏହି କ୍ରମରେ ଗାନ୍ଧି ଜୟନ୍ତୀରେ ମର୍ଜିତାପୁର କଲ୍ୟାଣ ମଣ୍ଡପରେ ରକ୍ତଦାନ ଶିବିର ଓ ଶ୍ରମଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ । ସେହିପରି ଏଣ୍ଡଲବାଠାରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବରର ଆୟୋଜନ କରାଯାଇଛି । ୪୫ ପଂଚାୟତରେ ମାଗଣା ସ୍ୱାସ୍ଥ୍ୟପରୀକ୍ଷା କେନ୍ଦ୍ର ଖୋଲାଯିବ । ମହିଳା ବିଜେଡି ପକ୍ଷରୁ ବ୍ଲକର ୬୬ଟି ହାଇସ୍କୁଲରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ ବିଦ୍ୟାଳୟଗୁଡିକର ସ୍ଥିତି ସଂପର୍କରେ ବିଧାୟକଙ୍କୁ ଅବଗତ କରାଯିବ । ବିଭିନ୍ନ ଦିବସରେ ଛାତ୍ର ବିଜେଡି ପକ୍ଷରୁ କଲେଜ୍‌ଗୁଡିକରେ ରକ୍ତଦାନ ଶିବିର ଓ ସଫେଇ କରାଯିବ । ବିଜେଡି ଗାର୍ଲସ୍ ୱିଙ୍ଗ୍ ପକ୍ଷରୁ ଆଦିବାସୀ ବସ୍ତିରେ ରହୁଥିବା ଲୋକମାନଙ୍କ ସମସ୍ୟା ସଂପର୍କରେ ଅବଗତ ହୋଇ ବିଧାୟକଙ୍କୁ ଜଣାଇବେ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ବ୍ଲକ ମହିଳା ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ଯୁବବିଜେଡି ସଭାପତି କ୍ଷିତୀଶ ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଗାର୍ଲସ୍ ୱିଙ୍ଗ୍ ସଭାନେତ୍ରୀ କ୍ଷୀରାବ୍ଧୀ ତନୟା ମଲିକ, ବିଜେଡି ନେତା ସଂଗ୍ରାମ କେଶରୀ ଜେନା, ନିର୍ମଳ ପ୍ରଧାନ ଓ ଯୁବନେତା ପ୍ରତାପ କୁମାର ପ୍ରଧାନ ଯୋଗ ଦେଇଥିଲେ ।

# ପ୍ରାଚୀ ପ୍ରଜ୍ଞା ପରିଷଦ ପକ୍ଷରୁ ୬୬ ୟୁନିଟ ରକ୍ତ ସଂଗ୍ରହ

ଫୁଲନଖରା (ପିଏନ୍): କଟକସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନ ସ୍ଥିତ ଆମ୍ରପଲ୍ଲୀ ସମ୍ମିଳନୀ ଗୃହ ସ୍ୱେଚ୍ଛାସେବୀ ସାଂସ୍କୃତିକ ସଂଗଠନ ପ୍ରାଚୀ ପ୍ରଜ୍ଞା ପରିଷଦ ପକ୍ଷରୁ ଗାନ୍ଧି ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ସମାଜର ମୁଖ୍ୟ ଡ.ଃ ପ୍ରଭାଷ ଚନ୍ଦ୍ର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ଟ୍ରଷ୍ଟି ଅଶ୍ୱିନ କୁମାର ମହାପାତ୍ର ସଭାପତି ଡାଃ ଯୁଧିଷ୍ଠିର ଖଟୁଆ ସମ୍ପାଦକ ଅନୁଗ ସାସମଲ ହଂସନାଥ ସାହୁ, ଏ.ସି.ପି. ଚନ୍ଦନ ଘଡେଇ, ସଦର ଥାନା ଆଇ.ଆଇସି. ସୁଧାଂସୁ ଭୂଷଣ ଜେନା, ଡଃ ଶର ରଥ, ଆଇନିଜିବୀ କବିନାରାୟଣ ଜେନା, ସମ୍ବାଦିକ ଲଳିତ କୁମାର ଦାଶ. ଇଂ ସୁଶାନ୍ତ କୁମାର ତ୍ରିପାଠୀ, ଅଜୟ କୁମାର ମହାନ୍ତି, କଳ୍ପତରୁ ଖୁଣ୍ଟିଆ, ଚନ୍ଦ୍ରମଣୀ ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, ଦିଲ୍ଲିପ କୁମାର ହେବେରା, ଉମାକାନ୍ତ କର ଓ ଅରୁଣ ସାହୁ ପ୍ରମୁଖ ଅନୁଷ୍ଠାନ କର୍ମକର୍ତାମାନେ ଉପସ୍ଥିତ ଥିଲେ । ଏହି ଶିବିରରୁ ୭୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ୨୫ ଜଣ ବ୍ୟକ୍ତି ନିଜର ଶରୀର ଓ ଅଂଗଦାନ ପାଇଁ ଇଚ୍ଛାକୃତ ହୋଇ ସ୍ୱାକ୍ଷର କରିଥିଲେ।

# ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ ପାଳିତ

ବାଲେଶ୍ୱର (ପିଏନ୍)-ସ୍ଥାନୀୟ ଚାନ୍ଦମାରି ପଡିଆଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ସଭାରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର ସଭାପତିତ୍ୱ କରି ବୟସ୍କ ଓ ବୃଦ୍ଧ ବ୍ୟକ୍ତିମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରେ ବୟସ୍କ ଓ ବରିଷ୍ଠ ନାଗରିକମାନଙ୍କର ରକ୍ତଚାପ, ମଧୁମେହ ପରୀକ୍ଷା କରାଯିବା ସହିତ ସେମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ସହଦେବଖୁଂଟା ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡା. ଲମ୍ବୋଦର ପାଲ ପ୍ରତ୍ୟେକ ବୃଦ୍ଧ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଅମୃତଧାର ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଏଥିରେ ସହଯୋଗ କରିଥିଲେ । ସହଦେବଖୁଂଟା ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ରହି ଫଳ ବିତରଣ କରିଥିଲେ। ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଶ୍ରୀ ରମଣୀକାନ୍ତ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prayan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




Bhubaneswar Thurssday October 07, 2021 ଭୁବନେଶ୍ୱର ଗୁରୁବାର, ଅକ୍ଟୋବର ୦୭,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

# ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଜନସଂପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର : ବେଦାନ୍ତ ଲିମିଟେଡ, ଲାଞ୍ଜିଗଡ଼ ,ଭାରତର ଅଗ୍ରଣୀ ମେଟାର୍ଲଜିକାଲ ଗ୍ରେଡ ଆଲୁମିନିୟମ ନିର୍ମାତା ଏହି ଅଂଚଳରେ ଗୋଷ୍ଠୀମାନଙ୍କ ସହିତ ସୁସଂପର୍କ ରକ୍ଷା ପାଇଁ 'ଜନସଂପର୍କ କାର୍ଯ୍ୟକ୍ରମ'ର ଶୁଭାରମ୍ଭ କରିଛି। ଏହି ଅବସରରେ କଂପାନି ମଧ୍ୟ ଏହାର କର୍ପୋରେଟ ସୋସିଆଲ ରେସପନସିବିଲିଟି ଅର୍ନ୍ତଗତ ବାର୍ଷିକ ରିପୋର୍ଟ ଆର୍ଥିକ ବର୍ଷ ୨୦-୨୧କୁ ଉନ୍ମୋଚନ କରିଛି, ଯେଉଁଥିରେ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାର ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଯଥା ଜୀବିକା, ଶିକ୍ଷା,ସ୍ୱାସ୍ଥ୍ୟ ଯତ୍ନ, ସ୍ୱଚ୍ଛ ଉର୍ଜ୍ଜା ଇତ୍ୟାଦି କ୍ଷେତ୍ରଗୁଡ଼ିକୁ ସ୍ଥାନିତ କରାଯାଇଛି ।କାର୍ଯ୍ୟକ୍ରମରେ ଏହି ଅଂଚଳର ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି, ଏନଜିଓ ସହଯୋଗୀ ଓ ସାମାଜିକର୍ମୀମାନେ ଯୋଗ ଦେଇଥିଲେ। କଂପାନି ନେତୃତ୍ୱରେ ଗୋଷ୍ଠୀର ଉନ୍ନତି ପାଇଁ ସର୍ବବିଧ ପ୍ରୟାସ ସହିତ ଉତମ ସଂପର୍କ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହା ଦ୍ୱାରା ରାଜ୍ୟ ତଥା ରାଷ୍ଟ୍ରର କଲ୍ୟାଣ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା ।ଏହି ଅବସରରେ ଶ୍ରୀ ଜି.ଜି ପାଲ, ଡେପୁଟି ସିଇଓ-ଆଲୁମିନା ବିଜିନେସ, ବେଦାନ୍ତ ଲିମିଟେଡ, କହିଥିଲେଯେ-ଆମେ ପ୍ରକୃତରେ ଏହା ବିଶ୍ୱାସ କରୁଯେ ଶିଳ୍ପ ସଂସ୍ଥା ଗୁଡ଼ିକ ସେମାନଙ୍କ କାର୍ଯ୍ୟକାରୀ ଅଂଚଳରେ ସାମାଜିକ ଅର୍ଥନୈତିକ ସମୃଦ୍ଧିର ବାର୍ତାବହ ହୋଇଥାନ୍ତି। ବେଦାନ୍ତର ଗୋଷ୍ଠି କଲ୍ୟାଣ କାର୍ଯ୍ୟକ୍ରମ ଆମ ସ୍ଥାନୀୟ ଗୋଷ୍ଠୀର ଜୀବନଶୈଳୀରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖେ। ଆମେ ବିଶ୍ୱାସ କରୁଯେ ବ୍ୟବସାୟର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଆମ ଗୋଷ୍ଠୀକୁ ସଶକ୍ତ କରାଇବା। ଆମର ଜନ ସଂପର୍କ କାର୍ଯ୍ୟକ୍ରମ ଜରୀଆରେ ଆମେ ଏଦିଗରେ ଆଉ ଏକ ପଦକ୍ଷେପ ନେବା ସହ ସ୍ଥାନୀୟ ଜନସାଧାରଣ ଓ କଂପାନିର ଅଗ୍ରଗତି ପାଇଁ ପରସ୍ପର ମଧ୍ୟରେ ଦୃଢ଼ ସଂପର୍କ ସ୍ଥାପନ ରଖିପାରିବୁ। କାର୍ଯ୍ୟକ୍ରମ ଅବଧିରେ କଂପାନି ମଧ୍ୟ ଭାବ ଆଦାନ ପ୍ରଦାନ କରିଥିବା ବ୍ୟକ୍ତିଙ୍କ ବିବରଣୀ ଓ ପରିଦର୍ଶନ ସୂଚୀ ପ୍ରସ୍ତୁତ କରିବ। ନୋଡାଲ ଅଧିକାରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିବେ।



ଏହି ଉପଲକ୍ଷେ ଶ୍ରୀ ପ୍ରଦୀପ ଦିଶାରୀ, ଏମଏଲଏ, ଲାଂଜିଗଡ଼ ବେଦାନ୍ତର ଏହି କାର୍ଯ୍ୟକ୍ରମ ସହିତ ଭବାନିପାଟଣାର ଅତ୍ୟାଧୁନିକ କୋଭିଡ ହସପିଟାଲ ତିଆରି ପାଇଁ କଂପାନିକୁ ପ୍ରଶଂସା କରିଥିଲେ। ସେ ପୁଣି କହିଥିଲେଯେ ମୁଁ ଚାହେଁ ଲୋକମାନେ ବେଦାନ୍ତକୁ ସହଯୋଗ କରନ୍ତୁ ଓ ଏହି ଅଂଚଳ ଏବଂ ସଂସ୍ଥାଦ୍ୱାରା ନିଆଯାଉଥିବା ଲୋକମାନଙ୍କ କଲ୍ୟାଣ ପାଇଁ ସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରନ୍ତୁ। ଶ୍ରୀ ବଳଭଦ୍ର ମାଝୀ, ପୂର୍ବତନ ଏମଏଲଏ, ଲାଂଜିଗଡ଼ ଆଲୋଚନା ମାଧ୍ୟମରେ କଂପାନିର ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ସେ କହିଥିଲେଯେ ବିଭିନ୍ନ ଗ୍ରାମକୁ ବୁଲି ଲୋକମାନଙ୍କ ସହିତ ସପର୍କ ରଖିବା ଓ କଂପାନିର ଅଭିଳାଷ ପୂରଣ ପାଇଁ ମୁଁ ଶ୍ରୀ ଜିଜି ପାଲଙ୍କ ପ୍ରୟାସକୁ ଧନ୍ୟବାଦ ଜଣାଇବାକୁ ଚାହିଁବି ।କଂପାନି ମଧ୍ୟ ଗାନ୍ଧୀ ଜୟନ୍ତୀ ଅବସରରେ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଜୋଡାବନ୍ଧରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଓ ଏସଏସଡି ହାଇ ସ୍କୁଲ, ଲାଂଜିଗଡ଼ରେ ବିତର୍କ ପ୍ରତିଯୋଗିତା ଆୟୋଜନ କରି ଏଥିରେ ବିଜେତାଙ୍କୁ ପୁରସ୍କୃତ କରିଥିଲା। ଉପସ୍ଥିତ ଅତିଥିମାନଙ୍କୁ ବେଦାନ୍ତ ଲାଂଜିଗଡ଼ ସହାୟତା ପ୍ରାପ୍ତ ସ୍ଥାନୀୟ ମହିଳା ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଆଦିବାସୀ କଳାଚିତ୍ର ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା ।ଏହି ଉତ୍ସବର ଉନ୍ମୋଚନରେ ବେଦାନ୍ତ ଲାଂଜିଗଡ଼ର ସିଏସଆର ବାର୍ଷିକ ରିପୋର୍ଟ ଆର୍ଥିକ ବର୍ଷ ୨୦-୨୧ରେ ବର୍ଷକୁ ୫୦,୦୦୦ରୁ ଉର୍ଦ୍ଧ୍ୱ ଲୋକମାନଙ୍କ ପାଇଁ ଗୋଷ୍ଠୀ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି। ଯଥା:- ବେଦାନ୍ତ ହସପିଟାଲ, ଲାଂଜିଗଡ଼ର ଏକ ଅତ୍ୟାଧୁନିକ ହସପିଟାଲ ଯେଉଁଠାରେ ବିଭିନ୍ନ ରୋଗ ଯଥା ଶିଶୁ ରୋଗ, ମେଡିସିନ, ସ୍ତ୍ରୀ ଓ ପ୍ରସୂତି ଏବଂ ଅର୍ଥୋପେଡିକ ପାଇଁ ସ୍ପେଶାଲିଷ୍ଟ ମାନେ ରହିଛନ୍ତି। ଏହି ଅଂଚଳର ୨୭୦ରୁ ଅଧିକ ଗ୍ରାମରୁ ପ୍ରାୟ ୧୩,୦୦୦ ଲୋକମାନେ ଏଠାକୁ ଚିକିତ୍ସା ପାଇଁ ଆସୁଛନ୍ତି। କଂପାନି ଲାଂଜିଗଡ଼ରେ ପ୍ରଥମ ଇଂଲିଶ ମିଡିୟମ ସ୍କୁଲ ଡିଏଭି ବେଦାନ୍ତ ଇଂଟରନ୍ୟାସନାଲ ସ୍କୁଲ ପରିଚାଳନା କରୁଛି। ଏଠାରେ ପିଲାମାନଙ୍କ ପାଇଁ ସ୍ମାର୍ଟ କ୍ଲାସରୁମ, ଆଧୁନିକ କଂପ୍ୟୁଟର ସହ ଅତ୍ୟାଧୁନିକ ଭିତିଭୂମି ସୁବିଧା ରହିଛି। ୧୨୦୦ରୁ ଅଧିକ ପିଲାମାନେ ଏଠାରେ ଶିକ୍ଷାଲାଭ କରୁଛନ୍ତି। ସ୍ଥାନୀୟ ପିଲାମାନଙ୍କୁ ଅଗ୍ରାଧିକାର ଦିଆଯାଉଛି। କଂପାନି ୫୦ରୁ ଅଧିକ ନନ୍ଦଘର ପରିଚାଳନା କରୁଛି। ଏହି ଅଙ୍ଗନବାଡ଼ିଗୁଡ଼ିକୁ ଆଧୁନିକୀକରଣ କରାଯାଇଛି। ଏଠାରେ ଇ-ଶିକ୍ଷାଦାନ ପାଇଁ ଟେଲିଭିଜନ, ସ୍ୱଚ୍ଛ ପାନୀୟ ଜଳ, ଟଏଲେଟ ରହିଛି। କଳାହାଣ୍ଡି ଓ ରାୟଗଡ଼ାରେ ପରିଚାଳିତ ଏହିସବୁ ନନ୍ଦଘର ଗୁଡ଼ିକ ମହିଳା ଓ ପିଲାମାନଙ୍କ ବିକାଶ , ଦକ୍ଷତା ସୃଷ୍ଟି, ସ୍ୱାସ୍ଥ୍ୟ ଓ ବିକାଶ ପାଇଁ ମୁଖ୍ୟ କେନ୍ଦ୍ର ରୂପେ ପରିଚାଳିତ ହେଉଛି ।ବେଦାନ୍ତର ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ ୨୦୦୫ଠାରୁ କାର୍ଯ୍ୟରତ। ପ୍ରକଳ୍ପ ମାଧ୍ୟମରେ ପିଲାମାନଙ୍କ ପାଇଁ ଉପଯୁକ୍ତ ଶିକ୍ଷା ସୁବିଧା, ପୋଷକ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଛି। ୧୨,୦୦୦ରୁ ଅଧିକ ପିଲାମାନେ ଏପର୍ଯ୍ୟନ୍ତ ଉପକୃତ ହୋଇ ପାରିଛନ୍ତି। ୧୧୨୭ରୁ ଅଧିକ ପରିବାରକୁ ବିଭିନ୍ନ ଜୀବିକା ନିର୍ବାହ ପନ୍ଥା ଯୋଗାଇ ଦିଆଯାଇଛି। ଯେପରିକି କୁକୁଡ଼ା ଚାଷ, ଛତୁ ଚାଷ ଇତ୍ୟାଦି ।ପ୍ରାୟ ୫୫୦ଟି ଗୃହ କୁକୁଡ଼ା ଚାଷ କରି ଲାଭାନ୍ୱିତ ହୋଇଛନ୍ତି ଓ ସେମାନେ ବର୍ଷକୁ ଅତିରିକ୍ତ ୩୫୦୦ରୁ ୪୦୦୦ ଆୟ କରିପାରୁଛନ୍ତି ।ଲୋକମାନଙ୍କୁ ସ୍ଥାୟୀ ବିକାଶ ଲକ୍ଷ୍ୟ ଉଦ୍ଦେଶ୍ୟରେ ୫୦୦୦ ଗ୍ରାମବାସୀଙ୍କୁ ସ୍ୱଚ୍ଛ ଇନ୍ଧନ ଓ ଆଲୋକ ବ୍ୟବସ୍ଥା ଯୋଗାଯାଇଛି। କିରୋସିନ ବ୍ୟବହାର ନକରି ସୌରଆଲୋକ ବ୍ୟବହାର ପାଇଁ ବେଦାନ୍ତ ଗ୍ରାମବାସୀଙ୍କୁ ପ୍ରୋତ୍ସାହିତ କରୁଛି। ଏ ପର୍ଯ୍ୟନ୍ତ ୨୫ଟି ଗ୍ରାମରୁ ୮୫୦ ପରିବାର ଏହି ପଦକ୍ଷେପରୁ ଲାଭ ଉଠାଇଛନ୍ତି। ବେଦାନ୍ତ ହେଉଛି ଆଲୁମିନିୟମ ଉତ୍ପାଦନ କରିବାରେ ଭାରତର ବୃହତମ ଉତ୍ପାଦକ ଓ ମେଟାରଲଜିକାଲ ଗ୍ରେଡର ଆଲୁମିନା ଅଗ୍ରଣୀ ଉତ୍ପାଦ ପ୍ରସ୍ତୁତକାରୀ। ଏହା ବିଶ୍ୱଶ୍ରେଣୀର ୨ ଏମଟିପିଏର ଆଲୁମିନା ରିଫାଇନାରୀ ଲାଂଜିଗଡ଼ (କଳାହାଣ୍ଡି ଜିଲ୍ଲା, ଓଡ଼ିଶା) ୨୦୦୭ରୁ ପରିଚାଳିତ ଓ ଏହା ୯୦ ମେଓ୍ୱା କ୍ୟାପଟିଭ ପାଓ୍ୱାର ପ୍ଲାଂଟ ପରିଚାଳନା କରୁଛି। ଏହାର ବିଶ୍ୱ ଶ୍ରେଣୀୟ ଆଲୁମିନା ସ୍ମେଲଟର, ଆଲୁମିନା ରିଫାଇନାରି ଓ ପାଓ୍ୱାର ପ୍ଲାଂଟ ଜରିଆରେ କଂପାନି ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ ତାର ଲକ୍ଷ୍ୟ ପୂରଣ କରୁଛି।

# ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟରେ ରକ୍ତଦାନ ଶିବିର,୧୦୪ ୟୁନିଟ ରକ୍ତ ସଂଗ୍ରହ

ଖୋର୍ଦ୍ଧା: ଖୋର୍ଦ୍ଧା ଜିଲ୍ଲା ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟ ଏନସିସସି,ୟୁଥରେଡକ୍ରସ,ଏନଏସଏସ ଓ ଓଡିଶା ମୋ ପରିବାର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରୁ ମୋଟ ୧୦୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏଥିରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଅତିଥିଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । କଲେଜର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ, ମଣ୍ଡଳ ଉନ୍ନୟନ ଅଧିକାରୀ ଧୋବେଇ ଚରଣ ନାୟକ, ନୟାଗଡ ବ୍ଲଡ ବ୍ୟାଙ୍କ ଅଧିକାରୀ ଅଜୟ କୁମାର ବାହିନୀପତି, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ କୁମାର ବାହିନୀପତି, ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ,ଏନଏସଏସ



କାର୍ଯ୍ୟକ୍ରମ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ଯୁବ ରେଡ କ୍ରସର କାଉନସେଲର ଅଧ୍ୟାପକ ଗଣେଶ ପଣ୍ଡା, ଏନସିସି ଅଧିକାରୀ ଡଃ ରଞ୍ଜନ କୁମାର ଦାଶ ଓ ଡେମୋନୋଷ୍ଟ୍ରେଟର ବୈଦ୍ୟନାଥ ହୋତା ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ ଶିବିରରେ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ନୟାଗଡ ବ୍ଲଡ ବ୍ୟାଙ୍କ ଡାକ୍ତର ସଞ୍ଜୟ କୁମାର ଦାଶ, କାଉନସେଲର ଅଜୟ କୁମାର ପଟ୍ଟନାୟକ, ଲାବ ଟେକନିସିଆନ ସରୋଜ ସାହୁ, ପ୍ରକାଶ କୁମାର ପାଣିଗ୍ରାହୀ, ଅଜୟ କୁମାର ମଲ୍ଲିକ, ସନ୍ତୋଷ କୁମାର ସାନ୍ତସିଂହାର ଓ ସହାୟକ ଫଂଚୁ ଦଳେଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।




# ସ୍ୱାଧିନତା ସଂଗ୍ରାମୀ ଧର୍ମପତ୍ନୀଙ୍କ ପରଲୋକ

ଖୋର୍ଦ୍ଧା: ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ କଂଟାବାଡ ଗ୍ରାମର ସ୍ୱାଧିନତା ସଂଗ୍ରାମୀସ୍ୱର୍ଗତନୀଳକଣ୍ଠ ମିଶ୍ରଙ୍କ ଧର୍ମପତ୍ନୀ ନିଶାମଣି ମିଶ୍ର(୮୪)ଙ୍କର ମଙ୍ଗଳବାର ବିଳମ୍ବିତ ରାତ୍ରରେ ପରଲୋକ ଘଟିଯାଇଛି । ସେ ଦୀର୍ଘଦିନ ଧରି ଆଜମା ରୋଗରେ ପିଡୀତ ହୋଇ ନିଜସ୍ୱ ବାସଭବନରେ ଚିକିତ୍ସିତ ହୋଇଆସୁଥିଲେ । ଗତକାଲି ରାତିରେ ତାଙ୍କର ଅସହ୍ୟ ଯନ୍ତ୍ରଣା ହେବାରୁ ତାଙ୍କୁ ପରିବାର ଲୋକ ଭୁବନେଶ୍ୱରସ୍ଥିତ ମେଡିକାଲରେ ଭର୍ତି କରିବା ପରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲେ । ସେ ଜଣେ ପରୋପକାରୀ, ସ୍ନେହୀ ,ଦୟାଳୁ ଓ ଧର୍ମପରାୟଣ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ ।ସେ ନିକଟରେ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇକଂଟାବାଡ ସରକାରି ନୀଳକଂଠ ଉଚ୍ଚ ବିଦ୍ୟାଳୟକୁ ଓଡିଶାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ମୋଟ ୧ ଲକ୍ଷ ଟଙ୍କା ଦାନ କରିଥିଲେ ।ତାଙ୍କ ମୃତ୍ୟୁ ପରେ ବଡପୁଅ ଶିବ ନାରାୟଣ ମିଶ୍ର ମୁଖାଗ୍ନି ଦେବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା । ଆଜି ତାଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ଅଂଚଳରେ ଶୋକର ଛେଳିଯାଇଛି ।

## ନଡ଼ିଆ ବଗିଚାରେ ମାଟି ପରୀକ୍ଷା ଭିତିକ ସାର ପରିଚାଳନା ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା : ଓଡ଼ିଶା ଜୀବନ ମିଶନ ଏବଂ ଇକ୍ରିସାଟର ମିଳିତ ସହଯୋଗରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭା ଗୃହରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମୁଖ୍ୟ ଜ୍ୟୋତି ଶଙ୍କର ମହାପାତ୍ର ପୁରୀ ଜିଲ୍ଲା ଓଡ଼ିଶା ଜୀବିକା ମିଶନର ମୁଖ୍ୟ ବନଜାକାନ୍ତୀ ମାହାରି, ସଦର ବିପିଏମ୍ ଓ ଅନ୍ୟ ଓଏଲଏମ୍ କର୍ମକର୍ତାମାନେ ଯୋଗ ଦେଇଥିଲେ। ଇକ୍ରିସାଟର ଡ଼.ପି.କେ. ମିଶ୍ର, ଡ଼. ପ୍ରଭୁ ଚରଣ ଲେଙ୍କା, ଡ଼. ରୋହନ ଖୋପଡ଼େ, ଦୀପକ ସାହୁ ଓ ଇକ୍ରିସାଟର ସମସ୍ତ କର୍ମକର୍ତା ଯୋଗ ଦେଇଥିଲେ।

# ଖୋର୍ଦ୍ଧା ଇତିହାସରେ କଂଟାମଳିମ ଗଡର ଭୂମିକା ଶୀର୍ଷକ ଆଲୋଚନାଚକ୍ର

ଖୋର୍ଦ୍ଧା: ଖୋର୍ଦ୍ଧା ଜିଲ୍ଲା ସିମୋର ପଂଚାୟତ ଅନ୍ତର୍ଗତ କଂଟାମଳିମ ଗ୍ରାମରେ ଖୋର୍ଦ୍ଧା ଇତିହାସରେ କଂଟାମଳିମ ଗଡର ଭୂମିକା ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ଏ ନେଇ ମହେନ୍ଦ୍ର ମାର୍ଥାଙ୍କ ସଭାପତିତ୍ୱ ଓ ସନ୍ତୋଷ କୁମାର ବଳିୟାରସିଂହଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ପାଣିଗ୍ରାହୀ ମୁଖ୍ୟ ଅତିଥି,ପାଇକ ସଂଘର ସଭାପତି ଯୋଗିନାଥ ବଳିୟାରସିଂହ ମୁଖ୍ୟବକ୍ତା, ଶିକ୍ଷକ ଜମ୍ଭେଶ୍ୱର ମଙ୍ଗରାଜ ଓ ସମାଜସେବୀ ନବ କିଶୋର ବିଧାରପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ୧୮୦୪ ମସିହାରେ କଂଟାମଳିମ ଗଡର ଅସ୍ତ୍ରାଗାର ଉପରେ ଇଂରେଜମାନେ ଆକ୍ରମଣ କରି ବହୁ ପାଇକ ମରିବା ସହ ଆହତ ହୋଇ କାରାବରଣ କରିଥିଲେ । ଏହି ସ୍ମୃତିକୁ ମନେପକାଇବା ପାଇଁ ପ୍ରତିବର୍ଷ ମହାଳୟା ଦିନଟିକୁ ଶ୍ରାଦ୍ଧୋତ୍ସବ ଭାବେ ପାଳନ ନ କରି ବଳିଦାନ ଦିବସ ଭାବେ ପାଳନ କରିଥାନ୍ତି ।ସଭାର ପ୍ରାରମ୍ଭରେ କବି ବିନୋଦ ବିହାରୀ ରାଉତରାୟ ଅତିଥି ପରିଚୟ ଦେଇଥିବା ବେଳେ ଶେଷରେ କବି ଜଗଦୀଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ ।ପରେ ମା କାଳିକା ପାଇକ ଆଖଡା ସଂଘ ଦ୍ୱାରା ଗୁରୁ ଚୈତନ୍ୟ ଜେନାଙ୍କ ତତ୍ତ୍ୱାବଧାନରେ ପାଇକ ଆଖଡା ପରିବେଷଣ କରାଯାଇଥିଲା ।

# ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

ଚଣ୍ଡିଖୋଲ : ଆଂଚଳିକ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଚଣ୍ଡିଖୋଲ ସ୍ଥିତ ଆଂଚଳିକ ବରିଷ୍ଠ ନାଗରିକ ମଂଚ ତରଫରୁ କାର୍ଯ୍ୟାଳୟ ଗୃହରେ ସ୍ଥାୟୀ ସଭାପତି ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସମ୍ପାଦକ ହେମନ୍ତ କୁମାର ସାମଲ, କୋଷାଧ୍ୟକ୍ଷ ଚିତରଂଜନ ମହାପାତ୍ର, ଦୁଃଖିଶ୍ୟାମ ସାହୁ, ଶିବରାମ ସାହୁ, ଶରତ ଚନ୍ଦ୍ର ଜେନା, ନବକିଶୋର ସାହୁ, ନାରାୟଣ ମାହାଲା, କୃଷ୍ଣଚନ୍ଦ୍ର ଜେନା, ସନ୍ତୋଷ ବିଶ୍ୱାଳ, ବିଜୟ କୁମାର ଜେନା, କିଶୋର ସାମଲ, ସେକ୍ କରାମତ ଉଲ୍ଲା, ପୂର୍ଣ୍ଣଚନ୍ଦ୍ର ସାହାଣୀ, ଧ୍ରୁବାନନ୍ଦ ରାଉତ, ସୁଲଭ ଚରଣ ସାମଲ, ଉତ୍ତମ ରଣା, ରାହାଶ ବିହାରୀ ଜେନା, ନୃସିଂହ ସାମଲ, ଧ୍ରୁବ ସାହୁ, ଚନ୍ଦ୍ରମଣୀ ସ୍ୱାଇଁ, ନାରାୟଣ ଚନ୍ଦ୍ର ନାୟକ, ଶିକ୍ଷାବିତ୍ ବ୍ରହ୍ମାନନ୍ଦ ଦାସ, ନରୋତ୍ତମ ଶତପଥୀ, କ୍ଷୀରୋଦ ମାହାଲା, ବୈକୁଣ୍ଠ ସାମନ୍ତରାୟ, ଜଗବନ୍ଧୁ ସାହୁ, ଶରତ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଯୋଗଦେଇଥିଲେ। ବରିଷ୍ଠ ନାଗରିକମାନେ ଐକ୍ୟବଦ୍ଧ ହୋଇ ଗ୍ରାମାଂଚଳରେ ଅସହାୟ ମନେକରୁଥିବା ବରିଷ୍ଠ ନାଗରିକ ମାନଙ୍କୁ ସହଯୋଗ କରିବା ପାଇଁ ଗ୍ରାମାଂଚଳରେ ସାମାଜିକ ଏବଂ ଘରୋଇ ହିଂସାକୁ ପ୍ରତିହତ କରି ସେବାକାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ସଭାପତି ଶ୍ରୀ ନାୟକ ପରାମର୍ଶ ଦେଇଥିଲେ। ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାର ସହଯୋଗ କରିବା ଉଦ୍ଦେଶ୍ୟରେ ଯେଉଁ ଭଳି ପ୍ରସାର ଚଳାଇଛନ୍ତି ଅଧିକନ୍ତୁ ଜଣେ ବରିଷ୍ଠ ନାଗରିକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପହଁଚିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ଦେଖା କରିବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ସରକାର ବରିଷ୍ଠ ନାଗରିକ ମାନଙ୍କୁ ସହଯୋଗ କରିବା ପାଇଁ ଏବଂ ବାର୍ଦ୍ଧକ୍ୟ ଭତ୍ତା , ବିଧବା ଭତ୍ତା ପାଇବା ପାଇଁ ବ୍ଲକ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ବରିଷ୍ଠ ନାଗରିକ ମାନଙ୍କୁ ଶୀଘ୍ର ସହଯୋଗ କରିବାପାଇଁ ସମ୍ପାଦକ ହେମନ୍ତ କୁମାର ସାମଲ ଯାଜପୁର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଧ୍ରୁବାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray